ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 24 ♦ CUTTACK ♦ WEEKLY ♦ 10 TO 16 - JUNE - 2024 ♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା - ୨୪ ♦ କଟକ ♦ ସାପ୍ତାହିକ ♦ ୧୦ ରୁ ୧୬ -ଜୁନ- ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ମୋଦି ୩.୦ରେ ମନ୍ତ୍ରୀ ହେଲେ ଧର୍ମେନ୍ଦ୍ର, ଜୁଏଲ ଓ ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ(ଏନ୍.ଏମ୍.) :** ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ଇନସ ଆରମ୍ଭ ହୋଇଛି । ମୋଦିଙ୍କ ନୂଆ କ୍ୟାବିନେଟରେ ଶପଥ ନେଇଛନ୍ତି ଏନଏଡି ସରକାରର ୭୧ ମନ୍ତ୍ରୀ । ସେମାନଙ୍କ ମଧ୍ୟରେ ୭ ମହିଳା ଥିବା ଜଣାଯାଇଛି । ଦ୍ୱିତୀୟ ପାଳିରେ ମୋଦିଙ୍କ କ୍ୟାବିନେଟରେ ୧୦ ମହିଳା ସାମିଲ ହୋଇଥିବା ବେଳେ ଚଳିତ ଥର ଏହି ସଂଖ୍ୟା ୭ ରହିଛି । ମୋଦିଙ୍କ କ୍ୟାବିନେଟର ୭ ମହିଳା ମନ୍ତ୍ରୀ ହେଲେ ନିର୍ମଳା ସୀତାରମଣ, ଅନ୍ନପୂର୍ଣ୍ଣା ଦେବୀ, ଅନୁପ୍ରିୟା ପଟେଲ, ଶୋଭା କରନ୍ଦଲାଜେ, ରକ୍ଷା ଖଡସେ, ସାବିତ୍ରୀ ଠାକୁର ଓ ନିମୁବେନ ବମଭାନିୟା । ତେବେ ପ୍ରଧାନମନ୍ତ୍ରୀ ଭାବେ ମୋଦି ଶପଥ ନେବା



ପରେ ଦେଶ ତଥା ବିଦେଶରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ମୋଦି ୩.୦ ସରକାରରେ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଓଡ଼ିଶାର ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅଶ୍ୱିନ ବୈଷ୍ଣବ । ପୂର୍ବରୁ ମଧ୍ୟ ଏହି ୩ ଜଣ ବିଭିନ୍ନ ସମୟରେ ମୋଦି ସରକାରରେ ମନ୍ତ୍ରୀ ଭାବେ କାମ କରି ସାରିଛନ୍ତି । ଜୁଏଲ ଓରାମ ମୋଦି ସରକାରର ପ୍ରଥମ ପାଳିରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୨୦୧୯ରେ ତାଙ୍କୁ ମନ୍ତ୍ରୀ ପଦ ମିଳି ନଥିଲା । ଏଥର ସେ ଓଡ଼ିଶାର ସୁନ୍ଦରଗଡ଼ ଲୋକସଭା ଆସନରୁ ହ୍ୟାଟ୍ରିକ ବିଜୟ ହାସଲ କରିଛନ୍ତି । ତେଣୁ ମୋଦି ୩.୦ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଓଡ଼ିଶାର ସମ୍ବଲପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ କ୍ରମାଗତ ତୃତୀୟ ଥର ପାଇଁ ମୋଦି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଇସ୍ତଫା ଦେଲେ ସୁରେଶ ମହାପାତ୍ର ଓ ଆର.ବାଲକ୍ରିଷ୍ଣନ

**ଭୁବନେଶ୍ୱର(ଏନ୍.ଏମ୍.) :** ଚଳିତ ସାଧାରଣ ନିର୍ବାଚନରେ ବିଜେଡି ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ନବୀନ ପଟ୍ଟନାୟକ ୫ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ସହ ଏବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ଅନେକ ବରିଷ୍ଠ ଅଫିସର ଇସ୍ତଫା ଦେବା ଆରମ୍ଭ କରିଛନ୍ତି । କେତେକଙ୍କ କାର୍ଯ୍ୟକାଳ ଅତିବେଶୀରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ସହ ସମାନ ଥିବାରୁ ସେମାନେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ ଗତ



ନଭେମ୍ବର ମାସରେ ନିଯୁକ୍ତି ପାଇଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର । ସେ ବୁଧବାର ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫାକୁ ସାଧାରଣ ପ୍ରଶାସନ ବିଭାଗ ଗ୍ରହଣ କରିନେଇଛି । ସେହିଭଳି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆର୍. ବାଲକ୍ରିଷ୍ଣନ୍ ମଧ୍ୟ ଇସ୍ତଫା ଦେଇଛନ୍ତି । ସୁରେଶ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ହେବା ପରେ ଆର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିଜେଡିର ପରାଜୟ ପରେ ସାମ୍ନାକୁ ଆସୁନାହାନ୍ତି ଭି.କେ. ପାଣ୍ଡିଆନ୍

**ଭୁବନେଶ୍ୱର (ଏନ୍.ଏମ୍.) :** ନିର୍ବାଚନରେ ବିଜେଡି ଶୋଚନୀୟ ପରାଜୟ ପରେ ସାମ୍ନାକୁ ଆସୁନାହାନ୍ତି ଭି କେ ପାଣ୍ଡିଆନ୍ । କିନ୍ତୁ ଦଳର ଏହି ବିପର୍ଯ୍ୟୟ ପାଇଁ କିଏ ଦାୟୀ । ଏହାକୁ ନେଇ ଚର୍ଚ୍ଚା ଚାଲିଛି । ମୁଖ୍ୟମନ୍ତ୍ରୀ ପଦରୁ ନୀବନ ପଟ୍ଟନାୟକ ଇସ୍ତଫା ଦେବା ପରେ ଅନେକ ଲୋକ ନିଜ ନିଜ ବାର୍ତ୍ତା ରଖୁଛନ୍ତି । କିଏ ସୋସିଆଲ ମିଡିଆରେ ନିଜର ଭିଡିଓ ଜାରି କରି ନିଜ ଭାବନା ପରିପ୍ରକାଶ କରୁଛନ୍ତି । କିନ୍ତୁ ଏହା ସହିତ ଗୋଟିଏ ବଡ଼ ପ୍ରଶ୍ନ ଉଠିଛି ଯେ ଭିକେ ପାଣ୍ଡିଆନ୍ କୁଆଡେ ଗଲେ ? ଚଳିତ ନିର୍ବାଚନରେ ବିଜେଡିର ଯଦି କୌଣସି ନେତା ସର୍ବାଧିକ ପ୍ରଚାର କରିଛନ୍ତି ଏବଂ ଗାଁରୁ ସହର ନିଜର ଉପସ୍ଥିତି ଜାହିର କରିଛନ୍ତି ସେ ହେଉଛନ୍ତି ପାଣ୍ଡିଆନ୍ । ନବୀନଙ୍କ ପ୍ରଚାର ବେଳେ ପାଖେପାଖେ ଛିଡ଼ା ହୋଇଥାନ୍ତି । କିନ୍ତୁ ନିର୍ବାଚନ ପରାଜୟ ପରେ




ଏହି ବ୍ୟକ୍ତି ଜଣଙ୍କର ଦେଖା ମିଳୁନି । କୁଆଡେ ଗଲେ, କେଉଁଠି ଅଛନ୍ତି କଣ କରୁଛନ୍ତି ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ବିଜେଡିର ନବ ନିର୍ବାଚିତ ବିଧାୟକ ବୈଠକରେ ମଧ୍ୟ ପାଣ୍ଡିଆନ୍ ଅନୁପସ୍ଥିତ ଥିଲେ । ଆଇଏଏସ ଚାକିରିରେ ଥିବା ବେଳେ ମଧ୍ୟ ସେ ଦଳୀୟ କାର୍ଯ୍ୟକ୍ରମରେ ସଂପୃକ୍ତି ରଖୁଥିବା ଅଭିଯୋଗ ରହିଛି । ହେଲେ ଏବେ ପରାଜୟ ପରେ କୈଣସି ବୈଠକରେ ଯୋଗ ନଦେବା ଅନେକ ଚର୍ଚ୍ଚାକୁ ଖୋରାକ ବଢାଇଛି । ସେ ପ୍ରଚାର ବେଳେ ବିଜେପି ବିକାଶକୁ ବିରୋଧୀ କହୁଥିଲେ । ଏଥର ଫଳାଫଳ ପ୍ରକାଶ ପାଇଲେ ଦୁଇ ତୃତୀୟାଂଶ ଆସନରେ ବିଜେଡି ବାଜିମାତ କରିବ ବୋଲି ପାଣ୍ଡିଆନ୍ ଦୃଢୋକ୍ତି ପ୍ରକାଶ କରିଥିଲେ । ଯଦି ନହେବ ସେ ରାଜନୀତିରୁ ସନ୍ୟାସ ନେବେ ବୋଲି ଖୋଲା ମଞ୍ଚରେ ଘୋଷଣା କରିଥିଲେ । ଏବେ କିନ୍ତୁ ପରାଜୟ ପରେ ପାଣ୍ଡିଆନ କେଉଁଠି ମୁହଁ ଲୁଚାଇଛନ୍ତି ତାକୁ ନେଇ ସୋସିଆଲ ମିଡିଆରେ ପ୍ରଶ୍ନ ଉଠିଛି । ଏହାରି ଭିତରେ ପାଣ୍ଡିଆନ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେ ବିଜେଡି ସଦସ୍ୟ ବୋଲି ହଟାଇ ଦେଇଛନ୍ତି । ନବୀନଙ୍କ ସହ ସେ କାମ କରିଥିବାରୁ ଖୁସି ବୋଲି ଉଲ୍ଲେଖ କରିଛନ୍ତି । ଏହାପରେ ସୋସିଆଲ ମିଡିଆରେ ନିଜ ବିଷୟରେ କହି ନିରବ ରହିଯାଇଛନ୍ତି । ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ନବୀନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ମହିଳାଙ୍କୁ ଗିଳିଦେଲା ୧୬ ଫୁଟ ଲମ୍ବା ଅଜଗର

**ଜାକର୍ତ୍ତା(ଏଜେନ୍ସି) :** ଇଣ୍ଡୋନେସିଆରୁ ଏକ ଲୋମ ଟାଙ୍କୁରା ଖବର ସାମ୍ନାକୁ ଆସିଛି । ଏଠାରେ ଜଣେ ମହିଳାଙ୍କୁ ଏକ ଅଜଗର ଗିଳି ଦେଇଛି । ପରେ ଗ୍ରାମବାସୀ ଅଜଗରର ପେଟ କାଟି ମହିଳାଙ୍କ ମୃତଦେହ ବାହାର କରିଥିଲେ । ଶନିବାର ସ୍ଥାନୀୟ ଅଧିକାରୀମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଦକ୍ଷିଣ ସୁଲାୱେସି ପ୍ରଦେଶର କାଲେମ୍ପଙ୍ଗ ଗାଁର ମୁଖ୍ୟ ସୁଆର୍ଡି ରୋଜି କହିଛନ୍ତି ଚାରି ସନ୍ତାନଙ୍କ ମା' ଫରିଦା ଗୁରୁବାର ରାତିରେ ନିଖୋଜ ହୋଇଯାଇଥିଲେ ଏବଂ ଘରକୁ ଫେରି ନ ଥିଲେ । ପରେ ତାଙ୍କ ସ୍ୱାମୀ ଏବଂ ଗାଁର ଲୋକମାନେ ତାଙ୍କୁ ଖୋଜିବା ଆରମ୍ଭ କରିଥିଲେ । ଖୋଜାଖୋଜି ସମୟରେ ମହିଳାଙ୍କ ସ୍ୱାମୀ ତାଙ୍କର କିଛି ଜିନିଷ



ପାଇଥିଲେ, ଯେଉଁଥିପାଇଁ ସେ କିଛି ଅଜଣା ସନ୍ଦେହ କରିଥିଲେ । ଯେତେବେଳେ ଗ୍ରାମବାସୀ ଏହି ଅଞ୍ଚଳ ଖୋଜିବା କରିବା ଆରମ୍ଭ କଲେ ସେମାନେ ୧୬ ଫୁଟ ଲମ୍ବର ଅଜଗର ସେଠାରେ ଥିବା ଦେଖିଥିଲେ । ଅଜଗରର ପେଟ ଫୁଲି ଯାଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଗ୍ରାମବାସୀ ଅଜଗରକୁ ଧରି ତାହାର ପେଟ କାଟିଥିଲେ । ସେମାନେ ପେଟ କାଟିବା ଆରମ୍ଭ କରିବା ମାତ୍ରେ ସେମାନେ ପ୍ରଥମ ଦେଖିଲେ ୪୫ ବର୍ଷୀୟା ଫରିଦାଙ୍କ ମୁଣ୍ଡ ଦେଖାଯାଉଛି । ଏହା ପରେ ଫରିଦାର ମୃତଦେହ ଅଜଗର ପେଟ ଭିତରେ ପୁରା ପୋଷାକ ପିନ୍ଧି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►


## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର (ଏନ୍.ଏମ୍.) :** ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବହୁ ଆସନ ଅକ୍ତିଆର କରିବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ସେ ଦିନ ୧୧ଟା ୩୫ ମିନିଟ ସମୟରେ ରାଜଭବନକୁ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ନବୀନ ପଟ୍ଟନାୟକ ନିଜର ଇସ୍ତଫା ପତ୍ର ପ୍ରଦାନ କରିବା ପରେ ନବୀନ ନିବାସକୁ ଫେରିଛନ୍ତି । ଚଳିତ ନିର୍ବାଚନରେ ବଡ଼ ପରାଜୟର ସାମ୍ନା କରିଛି ବିଜେଡି । ୨୦୧୯ରେ ୧୧୩ ଆସନ ଜିତିଥିବା ବିଜେଡି ୨୦୨୪ ନିର୍ବାଚନରେ ମାତ୍ର ୫୧ଟି ଆସନରେ ଜିତିବାକୁ ସକ୍ଷମ ହୋଇଛି । ଏହାସହ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ହେବା ଆଶା ଧୂଳିସାତ ହୋଇଛି । ୭୮ ଆସନରେ ବିଜୟ ସହ ବିଜେପି ବହୁମତ ପାଇଥିବା ବେଳେ ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ୧୦ ତାରିଖରେ ବିଜେପି ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ । ୨୦୦୦ ମସିହାରୁ ଲଗାତାର ମୁଖ୍ୟମନ୍ତ୍ରୀ ହୋଇ ଆସୁଥିଲେ ନବୀନ । ତେବେ ୨୦୨୪ ମସିହାରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି ।

## ଏନଡିଏ ବୈଠକରେ ଓଡ଼ିଶାକୁ ପ୍ରଶଂସା କଲେ ମୋଦି, ଦେଶର ବିକାଶ କ୍ଷେତ୍ରରେ ନେବ ପ୍ରମୁଖ ସ୍ଥାନ

**ନୂଆଦିଲ୍ଲୀ(ଏଜେନ୍ସି) :** ଏନଡିଏର ନେତା ଭାବେ ନିର୍ବାଚିତ ହେବା ପରେ ସଂସଦୀୟ ଦଳ ବୈଠକରେ ଅଭିଭାଷଣ ରଖିଛନ୍ତି ନରେନ୍ଦ୍ର ମୋଦି । ଲୋକସଭା ନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟା ରଖିବା ସହ



ଆଗାମୀ ଭିଜନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ଓଡ଼ିଶା ଦେଶର ବିକାଶ କ୍ଷେତ୍ରରେ ପ୍ରମୁଖ ସ୍ଥାନ ନେବ ବୋଲି ମୋଦି କହିଛନ୍ତି । ଅଭିଭାଷଣରେ ମୋଦି କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଗରିବଙ୍କ ଦେବତା । ଓଡ଼ିଶାର ଫଳାଫଳ ବିକଶିତ ଭାରତର ସ୍ୱପ୍ନକୁ ନୂଆ ଗତି ଦେବ । ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ ଇଞ୍ଜିନରେ ଓଡ଼ିଶା ପ୍ରମୁଖ ସ୍ଥାନ ନେବ । ଓଡ଼ିଶା ଦେଶର ବିକଶିତ ଇଞ୍ଜିନ ହେବ ବୋଲି ମୋଦି କହିଛନ୍ତି । ବହୁମତ ପରେ ଆଜି ଏନ୍ଡିଏ ସଂସଦୀୟ ଦଳ ବୈଠକକୁ ସମ୍ବୋଧିତ କରି ମୋଦି କହିଛନ୍ତି, ସର୍ବସମ୍ମତି କ୍ରମେ ମୋତେ ବାଛି ନୂଆ ଦାୟିତ୍ୱ ଦେଇଥିବାରୁ ମୁଁ ଆପଣମାନଙ୍କ ପାଖରେ କୃତଜ୍ଞ । ସଂସଦରେ ଯେକୌଣସି ଦଳର ସାଂସଦ ମୋ ପାଇଁ ସମାନ । ମୋ ପାଖରେ ନିଜ, ପର ଭେଦଭାବ ନାହିଁ, ସମସ୍ତେ ସମାନ । ଆଗାମୀ ୧୦ ବର୍ଷରେ ଗୁଡ୍ ଗଭର୍ଣ୍ଣାନ୍ସ, ବିକାଶର ନୂଆ ଅଧ୍ୟାୟ ଲେଖାଯିବ । ସମସ୍ତେ ମିଶି ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ତୀର୍ଥ ଯାତ୍ରୀ ବସ୍ ଉପରେ ଆତଙ୍କୀ ହମଲା, ୧୦ ମୃତ



**ନୂଆଦିଲ୍ଲୀ(ଏନ୍.ଏମ୍.) :** ତୀର୍ଥ ଯାତ୍ରୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି । ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ଗୁରୁତର ହୋଇଛନ୍ତି । ଏପରି ଘଟଣା ଜମ୍ମୁ-କଶ୍ମୀର ରାଜ୍ୟର ରିସି ଜିଲ୍ଲାରେ ଘଟିଛି । ତୀର୍ଥ ଯାତ୍ରୀମାନେ ଶିବଖେଡୀ ଗୁମ୍ଫା ଦର୍ଶନ କରି ବସ୍ରେ କଟ୍ରା ଫେରୁଥିଲେ । ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬.୧୦ ମିନିଟ୍ ସମୟରେ ପୋନି ଅଞ୍ଚଳରେ ବସ୍ ଉପରକୁ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚାଳନା କରିଥିଲେ । ଗୁଳି ମାଡ଼ ପରେ ବସ୍ ଚାଳକ ଭୟଭୀତ ହୋଇପଡ଼ିଥିଲେ । ବସ୍ ସନ୍ତୁଳନ ହରାଇ ଘାଟିରେ ଖସି ପଡ଼ିଥିଲା । ଖବର ପାଇ ପୁଲିସ୍ ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରାଯାଇ ନାରାୟଣ ମେଡ଼ିକାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରିସି ଏସ୍ଏସ୍ପି ମୋହିତ ଶର୍ମାଙ୍କ କହିବା ଅନୁସାରେ ଗୁଳି ଚାଳନା ଯୋଗୁ ବସ୍ ଚାଳକ ଭାରସାମ୍ୟ ହରାଇଥିଲେ । ଯେଉଁଥିପାଇଁ ବସ୍ଟି ଖସି ପଡ଼ିଥିଲା । ମୃତକ ଓ ଆହତମାନେ ସ୍ଥାନୀୟ ଅଞ୍ଚଳର ନୁହେଁ । ଏମାନଙ୍କ ପରିଚୟ ମିଳିପାରି ନାହିଁ । ଏମାନେ ଉତ୍ତର ପ୍ରଦେଶର ବୋଲି ଅନୁମାନ କରାଯାଉଛି । ଆତଙ୍କୀ ହମ୍ଲା ପରେ ସର୍ଚ୍ଚ ଅପରେସନ୍ ଚାଲିଥିବା ଏସ୍ଏସ୍ପି କହିଛନ୍ତି ।

## ରାଜନୀତିର ପଣାପାଲି

## ଲକ୍ଷ୍ମଣ ଦ ହିରୋ, ଯିଏ ନବୀନ ପଟ୍ଟନାୟକଙ୍କୁ ହରାଇଛନ୍ତି

**କଣ୍ଟାବାଞ୍ଜି(ଏନ୍.ଏମ୍.) :** ଏଥର ନିର୍ବାଚନର ଅନ୍ୟତମ ଚର୍ଚ୍ଚିତ ଆସନ ଥିଲା କଣ୍ଟାବାଞ୍ଜି । କାରଣ ସେଠାରୁ ପ୍ରାର୍ଥୀ ହୋଇଥିଲେ ନବୀନ ପଟ୍ଟନାୟକ । କିନ୍ତୁ ଫଳାଫଳ ଚକିତ କରିଦେଲା ସମସ୍ତଙ୍କୁ । ନବୀନ ସ୍ୱପ୍ନରେ ବି ଭାବି ନଥିବେ ଯେ ସେଠାରୁ ପରାସ୍ତ ହୋଇଯିବେ । ପୁଣି ପରାସ୍ତ ହେଲେ କାହାଠାରୁ ? ଲକ୍ଷ୍ମଣ ବାଗଙ୍କ ଠାରୁ । ଯାହାଙ୍କୁ ହୁଏତ ତାଙ୍କ ଅଞ୍ଚଳ ବା ଜିଲ୍ଲା ବା ଆଖପାଖ କିଛି ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଲୋକେ ଜାଣି ନଥିବେ । ଯଦିଓ ସେ ପୂର୍ବରୁ ନିର୍ବାଚନ ଲଢ଼ିଛନ୍ତି, କିନ୍ତୁ କଣ୍ଟାବାଞ୍ଜିର ଅନ୍ୟତମ ବଡ଼ ନେତା ତଥା ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଭଳି ସାରା ରାଜ୍ୟରେ ସେ ଜଣାଶୁଣା ନଥିଲେ । ହେଲେ ଏବେ ଲକ୍ଷ୍ମଣ ବାଗ ସାରା ରାଜ୍ୟରେ ଏକ ଜଣାଶୁଣା ନାଁ । ସମସ୍ତେ ତାଙ୍କ ବିଷୟରେ ଜାଣିବାକୁ ଚାହୁଁଛନ୍ତି । କାରଣ ସେ ନିରବଚ୍ଛିନ୍ନ ଭାବେ ୨୪ ବର୍ଷରୁ ଅଧିକ ସମୟ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଚୌକିରେ ବସିଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି । ଲକ୍ଷ୍ମଣ ବାଗଙ୍କ ଗାଁ ନାଁ ଖୁଟୁଲୁମୁଣ୍ଡା । ବଲାଙ୍ଗିର ଜିଲ୍ଲାର ଦାଦନ ପ୍ରବଣ ତୁରେକେଲା ବ୍ଲକର ହିଆଁଲ ପଞ୍ଚାୟତ ପଞ୍ଚାୟତରେ ଅଛି ଏହି ଗାଁ । ଖୁଟୁଲୁମୁଣ୍ଡା ଗାଁର



ସ୍ୱର୍ଗତ ଶଙ୍କର ବାଗଙ୍କର ୬ ପୁଅ ଭିତରେ ଲକ୍ଷ୍ମଣ ହେଉଛନ୍ତି ସବୁଠୁ ସାନ । ଲକ୍ଷ୍ମଣଙ୍କ ଦୁଇ ଜଣ ଭାଇଙ୍କର ଦେହାନ୍ତ ହୋଇସାରିଲାଣି । ଏବେ ସେମାନେ ଚାରି ଭାଇ ଅଛନ୍ତି । ଲକ୍ଷ୍ମଣଙ୍କ ବାପା ଶଙ୍କର ବାଗ ଜଣେ ଚାଷୀ ଥିଲେ । ତାଙ୍କ ପୁଅମାନେ ମଧ୍ୟ ଚାଷ କାମ କରୁଛନ୍ତି । ଚାଷ କରିବା ସହିତ ସେମାନେ ରାଜନୀତି କରୁଛନ୍ତି । ଲକ୍ଷ୍ମଣଙ୍କ ଭାଇମାନେ ବିଭିନ୍ନ ପଞ୍ଚାୟତରୁ ନିର୍ବାଚନ ଲଢ଼ି କିଏ ସରପଞ୍ଚ ତ ଆଉ କିଏ ସମିତି ସଭ୍ୟ ହୋଇଥିଲେ । ତାଙ୍କର ଜଣେ ଭାଉଜ ବ୍ଲକ ଅଧ୍ୟକ୍ଷ ମଧ୍ୟ ଥିଲେ । କିନ୍ତୁ ରାଜନୀତିରେ ବେଶ୍ ସକ୍ରିୟ ଥିବା ଲକ୍ଷ୍ମଣ ବାଗ ସିଧା ଲଢ଼ିଥିଲେ ବିଧାନସଭା ନିର୍ବାଚନ ।

ଏ ଯେଉଁ ସଫଳତା ଲକ୍ଷ୍ମଣ ପାଇଛନ୍ତି, ସେ ପର୍ଯ୍ୟନ୍ତ ପହଞ୍ଚିବାକୁ ତାଙ୍କୁ ଅନେକ କଷ୍ଟ କରିବାକୁ ପଡ଼ିଛି । ନିଜ ପେଟ ପୋଷିବାକୁ, ପରିବାରର ପ୍ରତିପୋଷଣ କରିବାକୁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଛି । ଲକ୍ଷ୍ମଣ କହିଛନ୍ତି- ୧୨/ ୧୩ ବର୍ଷ ହୋଇଥିବା ବେଳେ ୩ ଟଙ୍କାରେ ଶ୍ରମିକ ଭାବେ କାମ କରୁଥିଲି । ସେତେବେଳେ ମୋର ପରିସ୍ଥିତି ସେମିତି ଥିଲା । ମୋ ପରିବାରର ଦାୟିତ୍ୱ ନେବା ପାଇଁ ଚାଷବାସ କରୁଥିଲି । ଟ୍ରକ୍ରେ ହେଲ୍ପର ବି ଥିଲି । ଗେଟି, ପଥର ଉଠାଉଥିଲି । କିନ୍ତୁ ସବୁବେଳେ ନିଜ ଉପରେ ବିଶ୍ୱାସ ଥିଲା । ୨୦୧୪ରେ ଲକ୍ଷ୍ମଣ କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ବିଜେପି ଟିକେଟରେ । ସେ ୩୦ ହଜାର ୯୬୧ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ । ସେଥର ଏହି ଆସନରୁ ବିଜୟୀ ହୋଇଥିଲେ ବିଜେଡି ନେତା ଆୟୁବ ଖାଁ । ୨୦୧୯ ନିର୍ବାଚନରେ ଲକ୍ଷ୍ମଣ ବାଗ ପୁଣି ଥରେ କଣ୍ଟାବାଞ୍ଜି ଆସନରୁ ପ୍ରାର୍ଥୀ ହୋଇଥିଲେ । କଂଗ୍ରେସର ସନ୍ତୋଷ ସିଂହ ସାଲୁଜାଙ୍କ ସହିତ ତାଙ୍କର ହୋଇଥିଲା କଡ଼ା ଟକ୍କର । ମାତ୍ର ୧୨୮ ଖଣ୍ଡ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରାସ୍ତାରେ ଯିବା ବେଳେ ମହିଳାଙ୍କୁ କଚାଡ଼ି ଦେଲା ହାତୀ



**ଦେବଗଡ଼(ଏନ୍.ଏମ୍.) :** ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହାତ ହୋଇଛି । ଗୁରୁତର ମହିଳା ଜଣଙ୍କ ହେଲେ ମନ୍ଦାକିନୀ ବେହେରା । ଘଟଣାଟି ହେଉଛି ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ସିଆରିମାଳିଆ ଗାଁରେ । ଆଜି ସକାଳେ ସିଆରିମାଳିଆ ଗାଁରେ ୧୧ ଟିକିଆ ହାତୀ ପଲ ପଶି ଯାଇଥିଲେ । ସେଇ ରାସ୍ତା ଦେଇ ମନ୍ଦାକିନୀ ଯାଉଥିଲେ । ହଠାତ୍ ଏକ ଦନ୍ତା ହାତୀ ତାର ଶୁଣ୍ଢରେ ତାଙ୍କୁ ଟାଣି ଆଣି ରାସ୍ତାରେ କଚାଡ଼ି ଦେଇଥିଲେ । ମନ୍ଦାକିନୀ ପାଟିକରି ଲୋକଙ୍କୁ ଡାକିବାରୁ ସ୍ଥାନୀୟ ଲୋକେ ଓ ବନକର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଚିକିତ୍ସା କରିବା ପରେ ଜଣାପଡ଼ିଥିଲା ଯେ ମନ୍ଦାକିନୀଙ୍କର ଗୋଡ଼ ଭାଙ୍ଗିବା ସହ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି ।

# ମିସେସ୍ ଖାନ ହେବାକୁ ହଲିଉଡ ହସିନାଙ୍କ ମନ




**ମୁମ୍ବାଇ(ଏଜେନ୍ସି):** ଭାଇଜାନ ହେଉଛନ୍ତି ବଲିଉଡର ମୋଷ୍ଟ ଇଲିଜବୁଲ ବ୍ୟାଚଲର। ତାଙ୍କ ହ୍ୟାଣ୍ଡସମ୍ ଲୁକର ଦିୱାନୀଙ୍କ ତାଲିକା ଢେର ଲମ୍ବା। ବଲିଉଡର ବଡିଗାର୍ଡଙ୍କ ବୟସ ୫୦ ପାର୍ କରିସାରିଲାଣି। ତଥାପି ତାଙ୍କ ନିକଟକୁ ଛୁଟୁଥିବା ବିବାହ ପ୍ରପୋଜାଲର ଲମ୍ବା ଲାଇନ୍ ଲମ୍ବିଛି। ଏଥର ଆଇଆଇଏଫଏ- ୨୦୨୩ ଗ୍ରୀନ୍ କାର୍ପେଟରେ ଯୋଗ ଦେଇଥିବା ସଲମାନଙ୍କୁ ମିଳିଛି ମ୍ୟାରେଜ ପ୍ରପୋଜାଲ। ସଲମାନଙ୍କ ଫ୍ୟାନ୍ ପାଲଟିଥିବା ଜଣେ ହଲିଉଡ ହସିନା ଏହି ପ୍ରସ୍ତାବ ଦେଇଥିବା ବେଳେ ଭାଇଜାନ କିନ୍ତୁ ତାଙ୍କୁ ଗ୍ରୀନ ସିଗନାଲ ଦେଇ ନାହାନ୍ତି। ସଲମାନଙ୍କୁ ବିବାହ ପ୍ରସ୍ତାବ ଦେଇଥିବା ହଲିଉଡ ସୁନ୍ଦରୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ସେ କିଏ ଜାଣିବାକୁ ବଢ଼ି ଚାଲିଛି ଉତ୍ସୁକତା। ଏହି ହଲିଉଡ ସୁନ୍ଦରୀ ହେଉଛନ୍ତି ଆଲିନା ଖଲେଫ। ଭିଡିଓରେ ସଲମାନଙ୍କୁ ଆଲିନା ପଚାରିଛନ୍ତି, ମୁଁ ଆପଣଙ୍କୁ ଦେଖିବା ଦିନଠୁ ଆପଣଙ୍କ ପ୍ରେମରେ ପଡ଼ି ଯାଇଛି। ଏହାର ଉତ୍ତରରେ ସଲମାନ କହିଛନ୍ତି ,ଆପଣ ଶାହରୁଖ ଖାନଙ୍କ ବିଷୟରେ କହୁଛନ୍ତି ନା। ଏନେଇ ଆଲିନା କହିଛନ୍ତି, ନା ମୁଁ ଆପଣଙ୍କ କଥା କହୁଛି। ଆପଣ ମୋତେ ବିବାହ କରିବେ କି? ଏହାର ଉତ୍ତରରେ ସଲମାନ ଖାନ କହିଛନ୍ତି, ମୋର ବିବାହ ଦିନ ଗଡ଼ି ଗଲାଣି। ୨୦ ବର୍ଷ ପୂର୍ବରୁ ମୋ' ସହ ଭେଟ ହେବାର ଥିଲା। ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଥିବାବେଳେ ଆଲିନା କିଏ ତାକୁ ନେଇ ଜୋର ଧରିଛି ଚର୍ଚ୍ଚା। ଆଲିନା ଜଣେ ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର ଭାବେ କାମ କରୁଥିବା ବେଳେ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ ରହୁଛନ୍ତି। ଇନଷ୍ଟାଗ୍ରାମରେ ତାଙ୍କର ୯୦.୩କେ ଫଲୋଅର୍ସ ଅଛନ୍ତି। ଅଧିକାଂଶ ସମୟରେ ଏଲିନା ସୋସିଆଲ ମିଡିଆରେ ନିଜ ଗ୍ଲାମରସ୍ ଫଟୋ ଓ ଭିଡିଓ ଶେଆର କରିଥାନ୍ତି। ଏବେ ହଠାତ୍ ସେ ଗୁଗଲରେ ହେଉଥିବା ସର୍ଚ୍ଚ ତାଲିକାରେ ଆଗକୁ ବଢ଼ି ଯାଇଛନ୍ତି।

# ୮୩ ବର୍ଷରେ ବାପା ହେବେ ହଲିଉଡ ଆକ୍ଟର ଅଲ୍ ପାସିନୋ



**ମୁମ୍ବାଇ(ଏଜେନ୍ସି):** ୮୩ ବର୍ଷରେ ବାପା ହେବେ ହଲିଉଡ ଆକ୍ଟର ଅଲ୍ ପାସିନୋ। ୫୪ ବର୍ଷ ସାନ ଗର୍ଲଫ୍ରେଣ୍ଡ ନୁର ଅଲଫାଲାହ ହେବେ ତାଙ୍କ ଚତୁର୍ଥ ସନ୍ତାନଙ୍କ ମା'। 'ଦ ଗଡଫାଦର' ଫେମ୍ ଏହି ବର୍ଷୀୟାନ ଅଭିନେତାଙ୍କ ପିଆର ଟିମ୍ ଏ ବିଷୟରେ ଅଫିସିଆଲି ଘୋଷଣା କରିଛନ୍ତି। ୨୯ ବର୍ଷୀୟା ନୁର ଅଲଫାଲାହ ଚଳିତ ମାସ ନିଜ ପ୍ରଥମ ସନ୍ତାନ ପ୍ରସବ କରିବେ ବୋଲି ଜଣାଯାଇଛି। ଏହି ଖବର ଏବେ ସୋଶାଲ ମିଡିଆରେ ଖୁବ୍ ଜୋରରେ ଭାଇରାଲ ହେବାକୁ ଲାଗିଥିବା ବେଳେ ନୋରାଙ୍କୁ ଜାଣିବାକୁ ଲୋକଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଉଛି। ଅଲ୍ ପାସିନୋଙ୍କ ପୂର୍ବରୁ ନୋରା ରୋଲିଂ ଷ୍ଟୋନ ମେମ୍ବର ୭୪ ବର୍ଷୀୟ ମିକ୍ ଜାଗରଙ୍କୁ ଡେଟ କରୁଥିଲେ। ସେତେବେଳେ ତାଙ୍କୁ ୨୨ ବର୍ଷ ହୋଇଥିଲା। ଏହାବାଦ ବିଲେନିୟର ନିକୋଲାସ୍ ବର୍ଗଗ୍ରେନ ଓ ଫିଲ୍ମ ନିର୍ମାତା ତଥା ଅଭିନେତା ୮୮ ବର୍ଷ ବୟସ୍କ କ୍ଲିଣ୍ଟ ଇଷ୍ଟଉଡଙ୍କ ସହ ବି ତାଙ୍କର ରୋମାଣ୍ଟିକ୍ ଲିଙ୍କ ଥିବା ଚର୍ଚ୍ଚା ଧରିଥିଲା। ହେଲେ ନୋରା ଏହାକୁ ଖଣ୍ଡନ କରି ସାରିଛନ୍ତି। ହଲିଉଡ ଆକ୍ଟର ଅଲ୍ ପାସିନୋ ପୂର୍ବରୁ ବିବାହ କରି ନ ଥିବା ସତ୍ତ୍ୱେ ପୂର୍ବ ଗର୍ଲଫ୍ରେଣ୍ଡଙ୍କ ନିକଟରୁ ତାଙ୍କର ୩ ଟି ସନ୍ତାନ ଅଛନ୍ତି। ତାଙ୍କର ଏକ ୩୩ ବର୍ଷୀୟା ଝିଅ ବି ଓ ୨୨ ବର୍ଷୀୟ ଦୁଇ ଯାଆଁଳା ପିଲା ଥିବା ଜଣାଯାଇଛି। ଅଲ୍ ପାସିନୋ ହଲିଉଡରେ ନିଜ ଦୀର୍ଘ ବର୍ଷର କ୍ୟାରିଅର ମଧ୍ୟରେ ବହୁ ଥର ପୁରସ୍କୃତ ହେବା ସହ ବହୁ ସମ୍ମାନଜନକ ଆୱାର୍ଡ ହାସଲ କରି ସାରିଛନ୍ତି।

# ବଡ଼ ପରଦାରେ ଦେଖିବାକୁ ମିଳୁନି ବାବୁସାନ୍-ଝିଲିକ୍ ସୁପରହିଟ୍ ଯୋଡ଼ି



**ଭୁବନେଶ୍ୱର(ଏନ୍.ଏମ୍.):** ଓଲିଉଡର ଏକ ସୁପରହିଟ୍ ଯୋଡ଼ି ହେଲେ ବାବୁସାନ୍-ଝିଲିକ୍। ଏହି ଯୋଡ଼ି ଏଯାଏଁ ୪ଟି ଓଡ଼ିଆ ଛବିରେ ନଜର ଆସିଛନ୍ତି। ଏଥିମଧ୍ୟରୁ ୩ଟା ସୁପରହିଟ୍ ଛବି। ବାବୁସାନ୍-ଝିଲିକ୍ ଯୋଡ଼ିର ପ୍ରଥମ ଫିଲ୍ମ ହେଲା 'ଆଖିରେ ଆଖିରେ'। ୨୦୧୪ରେ ଏହା ମୁକ୍ତିଲାଭ କରିଥିଲା। 'ଆଖିରେ ଆଖିରେ' ବକ୍ସ ଅଫିସରେ ଏକ ବ୍ଲକବଷ୍ଟର ଫିଲ୍ମଭାବେ ପରିଗଣିତ ହୁଏ। ଏହାପରେ ସେହି ପ୍ରଯୋଜକ ସୀତାରାମ ଅଗ୍ରୱାଲ୍ ଓ ନିର୍ଦ୍ଦେଶକ ସୁଶାନ୍ତ ମଣି ପୁଣି ବାବୁସାନ୍-ଝିଲିକ ଯୋଡ଼ିକୁ ନେଇ ଅନ୍ୟ ଏକ ସୁପରହିଟ୍ ଓଡ଼ିଆ ସିନେମା ଉପହାର ଦେଇଥିଲେ ଓଡ଼ିଆ ଦର୍ଶକଙ୍କୁ। ୨୦୧୪ରେ ରିଲିଜ୍ ହୋଇଥିବା ଏହି ଫିଲ୍ମର ଟାଇଟଲ୍ ହେଲା 'ଲେଖୁ ଲେଖୁ ଲେଖି ଦେଲି'। ୨୦୧୫ରେ ପୁଣି ବାବୁସାନ୍ ବିପକ୍ଷରେ ନାୟିକା ଭାବେ ପରଦାକୁ ଆସିଥିଲେ ଝିଲିକ୍ ଫିଲ୍ମ 'ସୁପର ମିଚ୍ଛୁଆ'ରେ। ଏହି ବ୍ଲକବଷ୍ଟର ସିନେମାର ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି। କୁହାଯାଇପାରେ ଯେ, 'ସୁପର ମିଚ୍ଛୁଆ'ରେ ବାବୁସାନ୍-ଝିଲିକଙ୍କୁ ମିଳିଥିଲା ସବୁଠାରୁ ବେଶୀ ସଫଳତା। ଲଗାତାର ତିନି ତିନିଟା ସୁପରହିଟ୍ ଫିଲ୍ମ ଦେଇ ୨୦୧୫ ଯାଏଁ ବାବୁସାନ୍-ଝିଲିକ୍ ଯୋଡ଼ିଥିଲେ ବକ୍ସ ଅଫିସରେ ନମ୍ବର ୱାନ୍। ହେଲେ ଏହି ଯୋଡ଼ିର ଚତୁର୍ଥ ସିନେମା 'ଜବରଦସ୍ତ ପ୍ରେମିକ'କୁ ଅବଶ୍ୟ ଆଶାନୁରୂପ ସଫଳତା ମିଳି ନଥିଲା। ଏହାପରେ ଅନ୍ୟ କୌଣସି ଛବିରେ ଏଯାଏ ବାବୁସାନ୍-ଝିଲିକ୍ ଯୋଡ଼ିକୁ ଦେଖିବାକୁ ମିଳିନି। ଅର୍ଥାତ୍ ପ୍ରାୟ ସାତ ବର୍ଷ ହେବ ଏହି ଯୋଡ଼ି ପରଦାକୁ ଆସିନାହାନ୍ତି। ଏହା ଅବଶ୍ୟ ଭିନ୍ନ କଥା ଯେ ଉଭୟ କଳାକାର ଅନ୍ୟ ନାୟକ ନାୟିକାଙ୍କ ସହ କାମ କରୁଛନ୍ତି। ତେବେ ଉଭୟଙ୍କୁ ଆଉ ଏକାଠି ଦେଖିବାକୁ ମିଳୁନଥିବା ଯୋଗୁଁ ଦର୍ଶକମାନେ ଉଦାସ ହୋଇ ପଡ଼ିଛନ୍ତି।

# ଅଭୁଲା ସ୍ମୃତି ............

## ସୁଟିଂ ସେଟରେ ଧୂମପାନ କରି ପ୍ରଶଂସକଙ୍କଠାରୁ ଗାଳି ଖାଇଥିଲେ 'ରାମାୟଣ'ର ରାମ



**ମୁମ୍ବାଇ (ଏଜେନ୍ସି):** ଯେତେବେଳେ ଅଭିନେତା ଅରୁଣ ଗୋବିଲ 'ରାମାୟଣ'ରେ ଭଗବାନ ଶ୍ରୀରାମଙ୍କ ଭୂମିକା ନିଭାଇଥିଲେ, ସମସ୍ତେ ତାଙ୍କୁ ପ୍ରକୃତରେ ଭଗବାନ ବୋଲି ବିବେଚନା କରୁଥିଲେ। ଅରୁଣଙ୍କ ମଧ୍ୟରେ ଦର୍ଶକ ପ୍ରଭୁ ଶ୍ରୀରାମଙ୍କୁ ଦେଖୁଥିଲେ। କେବଳ ଏତିକି ନୁହେଁ, ଲୋକମାନେ ତାଙ୍କ ଫଟୋକୁ ମନ୍ଦିରରେ ରଖି ପୂଜା ଆରମ୍ଭ କରିଥିଲେ। ଏବେ ବି ରାମାୟଣରେ ରାମଙ୍କ ଚରିତ୍ର ନିଭାଇଥିବା ଅରୁଣଙ୍କୁ ଲୋକେ ଭଗବାନଙ୍କ ଭଳି ପୂଜା କରନ୍ତି। ସର୍ବସାଧାରଣରେ ତାଙ୍କୁ ଦେଖିଲେ ଲୋକେ ଗୋଡ଼ ତଳେ ପଡ଼ିଯାଆନ୍ତି, ଯାହାର ଭିଡିଓ ଅତୀତରେ ଭାଇରାଲ ହୋଇସାରିଛି। ତେବେ ଏତେ ଲୋକପ୍ରିୟତା ପରେ ଏବେ ଅରୁଣଙ୍କୁ ନେଇ ଏକ ବଡ଼ କଥା ସାମ୍ନାକୁ ଆସିଛି। ଅରୁଣ ସୁଟିଂ ସେଟରେ ଧୂମପାନ କରୁଥିଲେ ବୋଲି ଜଣାପଡ଼ିଛି। ଏମିତି କି ଧୂମପାନ କରୁଥିବାର ଦେଖି ତାଙ୍କୁ ଜଣେ ଗାଳି କରିଥିବା ମଧ୍ୟ ସାମ୍ନାକୁ ଆସିଛି। ନିଜର ଏହି ଭୁଲ୍ ବିଷୟରେ ଅରୁଣ ଗୋବିଲ୍ ନିଜେ ସମସ୍ତଙ୍କୁ ଜଣାଇଥିଲେ। 'ଦି କପିଲ୍ ଶର୍ମା' ସୋ'କୁ ଆସି ଅରୁଣ କହିଥିଲେ, ଥରେ ମୁଁ ତାମିଲ ଚଳଚ୍ଚିତ୍ରର ସୁଟିଂ ପାଇଁ ଦକ୍ଷିଣ ଭାରତରେ ଥିଲି, ଯେଉଁଥିରେ ମୁଁ ଭଗବାନ ବାଲାଜୀଙ୍କ ଭୂମିକାରେ ଅଭିନୟ କରୁଥିଲି। ସୁଟିଂ ସମୟରେ ଧୂମପାନ କରିବାକୁ ଇଚ୍ଛା ହେବାରୁ ମୁଁ ବାହାରକୁ ଯାଇ ଧୂମପାନ କରୁଥିଲି। ଏହି ସମୟରେ ଜଣେ ବ୍ୟକ୍ତି ମୋତେ ତାମିଲ ଭାଷାରେ କିଛି କହି ସେଠାରୁ ଚାଲିଗଲେ। ସେଟକୁ ଆସି ମୁଁ ମୋର ସହ କଳାକାରଙ୍କୁ ତାହା ଜଣାଇଥିଲି। ସେ ମୋତେ ଅନୁବାଦ କରି ପୂରା କଥାଟି ବୁଝାଇଥିଲେ। ଆମେ ଆପଣଙ୍କୁ ଭଗବାନ ଭାବରେ ପୂଜା କରୁଛୁ ଏବଂ ଆପଣ ଏଠାରେ ଧୂମପାନ କରୁଛନ୍ତି ବୋଲି ବ୍ୟକ୍ତିଜଣକ କହିଥିବା କଥା କହିଥିଲେ ସହକଳାକାର। ଏହା ପରେ ମୁଁ ଧୂମପାନ ଛାଡ଼ିଦେଇଥିଲି।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ତମାଖୁ ସେବନ ହୋଇପାରେ ବ୍ରେନ ଷ୍ଟୋକର କାରଣ

ତମାଖୁ ବା ଟୋବାକୋ ସେବନ ପ୍ରାଣଘାତକ ହୋଇପାରେ। ତମାଖୁ ସେବନ ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ସହିତ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଅବଶ୍ୟ, ଏହା ଜାଣିବା ସତ୍ତ୍ୱେ, ଲୋକମାନେ ଧୂଆଁଯୁକ୍ତ ଓ ଧୂଆଁମୁକ୍ତ ତମାଖୁ ସେବନ କରୁଛନ୍ତି। ତେବେ ଲୋକଙ୍କୁ ତମାଖୁ ସେବନ ନକରିବା ପାଇଁ ସଚେତନ କରିବାକୁ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ମେ ମାସ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଉଛି। । ଚଳିତ ବର୍ଷ ତମାଖୁ ବର୍ଜନ ଦିବସର ବିଷୟ ରହିଛି 'ଆମକୁ ଖାଦ୍ୟ ଆବଶ୍ୟକ, ତମାଖୁ ନୁହେଁ'। ତେବେ ତମାଖୁ ଆମ ଶରୀର ପାଇଁ କେତେ ହାନିକାରକ ତାହା ଆପଣ ଜାଣନ୍ତି କି? ବିଶେଷଜ୍ଞ ଡାକ୍ତର ସୁବାସ ଚନ୍ଦ୍ର ନାୟକ କହିଛନ୍ତି ଯେ ତମାଖୁ ସେବନ ଦ୍ୱାରା କେବଳ ମୁଖଗହ୍ୱର କର୍କଟ ବା ଯକୃତ କ୍ୟାନସର ହୋଇନଥାଏ, ବରଂ ବିଭିନ୍ନ ହୃଦରୋଗ, ବ୍ରେନଷ୍ଟ୍ରୋକ ଓ ଶ୍ୱାସ ଭଳି ସମସ୍ୟା ଦେଖାଯାଏ। ଯେଉଁ ମହିଳାମାନେ ତମାଖୁ ସେବନ କରୁଛନ୍ତି, ସେମାନେ ଯେତେବେଳେ ସନ୍ତାନ ପ୍ରସବ କରୁଛନ୍ତି, ସେତେବେଳେ ପିଲାଟିର ଓଜନ ବହୁତ କମ ରହୁଛି। ଧୂଆଁଯୁକ୍ତ ଟୋବାକୋ (ବିଡ଼ି, ସିଗାରେଟ) ଓ ଧୂଆଁମୁକ୍ତ ଟୋବାକୋ (ଗୁଟଖା, ପାନ ମସଲା) ସେବନ ଦିନକୁ ଦିନ ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ସମସ୍ତ ବୟସର ବର୍ଗଙ୍କୁ ପ୍ରଭାବିତ କରୁଥିବାବେଳେ ସାମାଜିକ, ଆର୍ଥିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ପକାଉଛି। କାରଣ ତମାଖୁ ସେବନ ଦ୍ୱାରା ଯେତେବେଳେ କ୍ୟାନ୍ସର ଭଳି ରୋଗ ହୁଏ ଓ ବ୍ୟକ୍ତିଙ୍କର ଚିକିତ୍ସା ହୁଏ, ଏହା ପରେ ବି ଶରୀର ଉପରେ ପ୍ରଭାବ ରହୁଛି। ଓଡ଼ିଶାର କଥା କହିବାକୁ ଗଲେ ପ୍ରାୟ ୫୨ ପ୍ରତିଶତ ପୁରୁଷ ଓ ୩୩ ପ୍ରତିଶତ ମହିଳା ଧୂଆଁମୁକ୍ତ ଟୋବାକୋର ସେବନ କରୁଛନ୍ତି। ଦିନକୁ ଦିନ ଯୁବପିଢ଼ିଙ୍କ ମଧ୍ୟରେ ଟୋବାକୋ ସେବନର ପରିମାଣ ବଢ଼ି ବଢ଼ି ଚାଲିଥିବାବେଳେ ପାଖାପାଖି ୧୪ ପ୍ରତିଶତ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରମାନେ ଏବେ ଟୋବାକୋ ସେବନ କରୁଛନ୍ତି।

## ମା'ରାଣ ଦେହକୁ ନେବେନି...



ମୋଦୀ ଆଇଥେଲେ ପ୍ରଚାର ପେଇଁକି
ଖୋଲିଲେ ପଦୁଅଁ ପାଖୁଡ଼ା...
ଯେତେକ ମାଫିଆ ଲୁଟୁଥିଲେ ଦେଇ
ନେତାଙ୍କୁ ରାତିରେ କୁକୁଡ଼ା...
ଖାଉଟୁ କେତେଟୁ ଉଖୁଡ଼ା...
ଡବଲଇଞ୍ଜିନି ଥରେ କାମକଲେ
ଖୋଲିବ ସଭିଙ୍କ ମୁଖୁଡ଼ା...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

## ଦହି ପନିର




**ଆବଶ୍ୟକ ସାମଗ୍ରୀ:** ପନିର, ଦହି, ଲୁଣ, ହଳଦି, ଲଙ୍କାଗୁଣ୍ଡ, ତେଲ, କସ୍ତୁରୀ ମେଥି, କାଜୁ, ଧନିଆ ପାଉଡର, କଞ୍ଚାଲଙ୍କା, କ୍ରିମ, ପୁଦିନା ପତ୍ର ଓ ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ କ୍ୟୁବ୍ ସାଇଜ୍ରେ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏହାପରେ ଏକ ପାତ୍ରରେ ରିଫାଇନ୍ ତେଲ, ଲୁଣ, ହଳଦି, ଲଙ୍କା ଗୁଣ୍ଡ ଓ କସ୍ତୁରୀ ମେଥିକୁ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ସେଥିରେ ପନିରକୁ ଭଲ ଭାବେ ଗୋଳାଇ ମ୍ୟାରିନେଟ୍ କରି ଦିଅନ୍ତୁ।

ଏହାପରେ ଏକ ପ୍ୟାନ୍ରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ପନିରକୁ ହାଲକା ଫ୍ରାଏ କରି ଦିଅନ୍ତୁ। ସେହି ପ୍ୟାନ୍ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ଶୁଖିଲା ଲଙ୍କା, କଟା ଅଦା ଓ ଗୁଜରାତିକୁ ପକାଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ପକାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଦହି ନେଇ ସେଥିରେ ହଳଦି, ଲଙ୍କା ଗୁଣ୍ଡ, ଧନିଆ ପାଉଡର ଓ ସିଝା କାଜୁ ପେଷ୍ଟକୁ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ତେଲ ଗରମ ଥିବା ପ୍ୟାନରେ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ମସଲା ଭଲ ଭାବେ କଷି ହେବା ପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଓ ଲୁଣ ପକାଇ ଦିଅନ୍ତୁ। ପରେ ସେଥିରେ କଞ୍ଚାଲଙ୍କା ପକାନ୍ତୁ। ଏହାପରେ ପନିର ପକାଇ ଅଳ୍ପ ସମୟ ପାଇଁ ଫୁଟାଇ ବନ୍ଦ କରି ଦିଅନ୍ତୁ। ଏହାପରେ କିଛି କ୍ରିମ, କଟା ପୁଦିନା ଓ ଧନିଆ ପତ୍ର ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ। ଏହି ରେସିପିଟିକୁ ଫ୍ରାଏଡ୍ ରାଇସ୍ ବା ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ପ୍ରଧାନମନ୍ତ୍ରୀ ମୋଦିଙ୍କୁ କେବେ ହେଲେ ଛାଡ଼ିବିନି କହିଲେ ନୀତୀଶ କୁମାର



**ନୂଆଦିଲ୍ଲୀ(ଏଜେନ୍ସି):** ପଲଟୁରାମ ବା ସବୁବେଳେ ପଟ ପରିବର୍ତ୍ତନ କରୁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଷ କୁମାର ଏନଡିଏ ସଂସଦୀୟ ଦଳ ବୈଠକରେ ବଡ଼ କଥା କହିଛନ୍ତି। ସାଧାରଣ ନିର୍ବାଚନରେ ବିଜେପିକୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ମିଳି ନଥିବାରୁ ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ଗୁରୁତ୍ୱ ଏନଡିଏରେ ବଢ଼ିଯାଇଛି। ତାଙ୍କ ଉପରେ ବିଜେପି ସରକାର ଗଠନ କରିବାକୁ ନିର୍ଭର କରୁଛି। ଏଯାଏ ନୀତୀଶ କୁମାର ବିଜେପି ସହ ରହିଛନ୍ତି। ହେଲେ ସେ ପରବର୍ତ୍ତୀ ମୁହୂର୍ତ୍ତରେ ପଲଟି ଯିବାର ଆଶଙ୍କା ବି ରହିଛି। ଏହାକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଆଜି ଏନଡିଏ ସଂସଦୀୟ ଦଳ ବୈଠକରେ ନୀତୀଶ କୁମାର ସମ୍ବୋଧନ କରି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ସେ କେବେ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଛାଡ଼ିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥସହ ସେ ମୋଦିଙ୍କ ପାଦ ଛୁଇଁ ପ୍ରଣାମ କରିଛନ୍ତି। ବୈଠକ ଆରମ୍ଭରେ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରେ ପହଞ୍ଚି ପାଦ ଛୁଇଁବାକୁ ଚେଷ୍ଟା କରିଥିଲେ। ହେଲେ ମୋଦି ତାଙ୍କ ହାତକୁ ଧରି ପକାଇଥିଲା। ସେହି ଅବସ୍ଥାରେ ସେ ମୋଦିଙ୍କ ଆଶୀର୍ବାଦ ନେଇଥିଲେ। ନୀତୀଶ କୁମାର କହିଛନ୍ତି, "ମୁଁ ସବୁବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ରହିବି। ପରବର୍ତ୍ତୀ ସମୟରେ ଆପଣ ଯେତେବେଳେ ଆସିବେ ସେତେବେଳେ ଏଠାରେ ଓ ସେଠାରେ ଏଥର ଜିତିଥିବା ଲୋକମାନେ ଆସନ୍ତାଥର ହାରିବେ। ଏପରି ଘଟଣା ଘଟିବ ବୋଲି ଆମର ପୂରା ବିଶ୍ୱାସ ରହିଛି।" ନୀତୀଶ କୁମାର ବିରୋଧୀ ମେଣ୍ଟକୁ ସମାଲୋଚନା କରି ଦେଶ ପ୍ରତି ସେମାନଙ୍କର କୌଣସି ଅବଦାନ ନଥିବା ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୧୦ ବର୍ଷ ଧରି ଦେଶର ସେବା ଭଲ ଭାବେ କରିଥିବାରୁ ତାଙ୍କ ଦଳ ସମର୍ଥନ କରିବାକୁ ମନସ୍ଥ କରିଥିବା ନୀତୀଶ କୁମାର କହିଛନ୍ତି। ସେ କହିଛନ୍ତି, "ଆମ ଦଳ ଜେଡିୟୁ ଭାରତର ପ୍ରଧାନମନ୍ତ୍ରୀ ପଦ ପାଇଁ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରୁଛି। ଗଲା ୧୦ ବର୍ଷ ଧରି ସେ ପ୍ରଧାନମନ୍ତ୍ରୀ ରହିବା ଗୋଟିଏ ବଡ଼ ଖୁସିର ବିଷୟ। ସେ ପୁଣି ପ୍ରଧାନମନ୍ତ୍ରୀ ହେବେ। ସେ ଦେଶର ସେବା କରି ଚାଲିଛନ୍ତି ଓ ଯାହା ବି କିଛି ରହି ଯାଇଛି, ସେସବୁ ଏଥର ପୂରା ହେବ। ତାଙ୍କ ସହ ଆମେ ରହିଛୁ ଓ ଆଗକୁ ମଧ୍ୟ ରହିବୁ।"ଏକଦା ବିଜେପି ଓ ମୋଦିଙ୍କ ବିରୋଧରେ ବିରୋଧୀଙ୍କୁ ଏକାଠି କରୁଥିବା ନୀତୀଶ କୁମାର ହଠାତ୍ ଲୋକସଭା ନିର୍ବାଚନ ପୂର୍ବରୁ ପଟ ବଦଳାଇ ଥିଲେ। ସେ ଇଣ୍ଡିଆ ମେଣ୍ଟ ଛାଡ଼ି ବିଜେପି ସହ ହାତ ମିଳାଇଥିଲେ। ବିହାରରେ ବିଜେପି ସହ ମିଶି ଜେଡିୟୁ ଲୋକସଭା ନିର୍ବାଚନ ମଧ୍ୟ ଲଢ଼ିଥିଲା। ବିଜେପି ଏବେ ଜେଡିୟୁ ଓ ଚନ୍ଦ୍ରବାବୁ ନାଇଡୁଙ୍କୁ ସମର୍ଥନରେ କେନ୍ଦ୍ରରେ ମେଣ୍ଟ କରିବାକୁ ଯାଉଛି। ଏଥିପାଇଁ ଆଜି ନୀତୀଶ କୁମାର ବିରୋଧୀ ମେଣ୍ଟ ଇଣ୍ଡିଆକୁ ସମାଲୋଚନା କରିଛନ୍ତି।




**ଇସଲାମାବାଦ (ଏଜେନ୍ସି):** ଲୋକସଭା ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି ଯେଉଁଥିରେ ବିଜେପି ନେତୃତ୍ୱାଧୀନ ଏନଡିଏ ମିଳିତ ଦଳ କ୍ରମାଗତ ତୃତୀୟ ଥର ପାଇଁ ୨୯୩ଟି ଆସନ ସହ ବହୁମତ ହାସଲ କରିଛି। ଏଥି ସହିତ କଂଗ୍ରେସ ସମେତ ବିରୋଧୀ ଦଳର ଇଣ୍ଡିଆ ମିଳିତ ମଞ୍ଚ ୨୩୪ଟି ଆସନ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦୁଇଟି ନିର୍ବାଚନରେ ବିଜେପି ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିଥିଲ। କିନ୍ତୁ ଏଥର ଏହା ମାତ୍ର ୨୪୦ ଟି ସିଟ୍ ପାଇଛି। ଫଳରେ ଦଳ ସଂଖ୍ୟାଗରିଷ୍ଠତାଠାରୁ ୩୨ ଟି ସିଟ୍ ପଛୁଆ ରହି ଯାଇଛି। ତେବେ ସରକାର ଗଠନ ପାଇଁ ଏହାର ସହଯୋଗୀ ଏନଡିଏରେ ପର୍ଯ୍ୟାପ୍ତ ଆସନ ରହିଛି। କିନ୍ତୁ, ଏହି ନିର୍ବାଚନରେ ଇଣ୍ଡିଆ ଆଲାଇନ୍ସର ବିଜୟ ଆଶା କରୁଥିବା ପାକିସ୍ତାନ ତୀକ୍ଷ୍ଣ ନଜର ରଖିଥିଲା ଏବଂ ଫଳାଫଳ ଉପରେ ପଡୋଶୀ ଦେଶ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନର କୂଟନୀତିଜ୍ଞ ତଥା ସାମ୍ବାଦିକମାନେ ବିଜେପିର କମ୍ ଆସନ ଏବଂ କଂଗ୍ରେସ ସମେତ ବିରୋଧୀ ଦଳର ଉନ୍ନତ ପ୍ରଦର୍ଶନକୁ ନେଇ ଖୁସି ବ୍ୟକ୍ତ କରୁଛନ୍ତି। ଭାରତର ହାଇ କମିଶନର ଥିବା ପାକିସ୍ତାନର ପୂର୍ବତନ କୂଟନୀତିଜ୍ଞ ଅବଦୁଲ ବାସିତ୍ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି ଯେ ସାମ୍ପ୍ରଦାୟିକ କୁସଂସ୍କାର ତଥା ବିଜେପିର ହିନ୍ଦୁ ରାଷ୍ଟ୍ରୀୟ ଦେଶକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଭାରତର ଲୋକମାନେ ଭୋଟ୍ ଦେଇଥିବାରୁ ପ୍ରଶଂସା ପାଇବାକୁ ଯୋଗ୍ୟ। ପାକିସ୍ତାନୀ ସାମ୍ବାଦିକ ସାବୀର ଶାକିର ସୋସିଆଲ ମିଡ଼ିଆ ଏକ୍ସରେ ଲେଖିଛନ୍ତି ସମ୍ବିଧାନର ସର୍ବୋଚ୍ଚତା ଏବଂ ଗଣତନ୍ତ୍ର ଶକ୍ତି ଏବଂ ଘୃଣାକୁ ଭାରତବାସୀ ପରାସ୍ତ କରିଛନ୍ତି। ଏଥିରୁ ଅନ୍ୟ ଦେଶ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ। ପାକିସ୍ତାନୀ ସାମ୍ବାଦିକ ସେୟାର କରିଥିବା ଫଟୋରେ ଉନ୍ ଖବରକାଗଜର ପ୍ରଥମ ପୃଷ୍ଠାରେ ଲେଖା ଯାଇଛି, ଭାରତ ଘୃଣାକୁ ପରାସ୍ତ କରିଛି, ମୋଦୀ ମୁସଲିମ ହିତୈଷୀ ସହଯୋଗୀଙ୍କ ଦୟାରେ ରହିଯାଇଛି। ଏବେ ପାକିସ୍ତାନୀ ଖବର କାଗଜରେ ପ୍ରକାଶ ପାଇଥିବା ଏଭଳି ବିବାଦୀୟ ଖବର ନେଇ ଉତ୍ତେଜନା ପ୍ରକାଶ ପାଇଛି। ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ ଜିଓ ଟିଭିର ସାମ୍ବାଦିକ ହମିଦ ମୀର ମଧ୍ୟ ଲୋକସଭା ନିର୍ବାଚନର ଫଳାଫଳକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଗୁପ୍ତଚର ଏଜେନ୍ସି ସମେତ ସମସ୍ତ ସରକାରୀ ଅନୁଷ୍ଠାନ ପିଏମ ମୋଦୀଙ୍କ ପଛରେ ଠିଆ ହୋଇଥିଲେ ଏବଂ ତାଙ୍କ ପାଇଁ ସବୁ ଦିଗରେ କାର୍ଯ୍ୟ କରୁଥିଲେ। ତଥାପି, ପ୍ରଧାନମନ୍ତ୍ରୀ ଦଳ ଚାହୁଁଥିବା ନିର୍ବାଚନ ଫଳାଫଳ ପାଇପାରିଲେ ନାହିଁ, ଭାରତର ନିର୍ବାଚନ ଫଳାଫଳରେ ଆମ ପାଇଁ କିଛି ଶିକ୍ଷା ଅଛି। ପାକିସ୍ତାନୀ ସରକାର ଏଥିରୁ ଶିକ୍ଷାଲାଭ କରିବା ଜରୁରୀ ବୋଲି ଜିଓ ଟିଭି କହିଛି।

# ନକଲି ଆଧାରକାର୍ଡ ଦେଖାଇ ସଂସଦ ଭବନ ପରିସରରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ୩ ଗିରଫ




**ନୂଆଦିଲ୍ଲୀ (ଏଜେନ୍ସି):** ନକଲି ଆଧାର କାର୍ଡ ବ୍ୟବହାର କରି ସଂସଦ ଭବନ ପରିସରରେ କାମ କରିବା ପାଇଁ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ଉତ୍ତରପ୍ରଦେଶର ତିନିଜଣ ଶ୍ରମିକଙ୍କୁ ଗିରଫ କରାଯାଇଛି। ଜାଲିଆତି ଏବଂ ପ୍ରତାରଣା ଅଭିଯୋଗରେ ଦିଲ୍ଲୀ ପୁଲିସ ଏହି ତିନି ଅଭିଯୁକ୍ତ କାସିମ, ମୋନିସ ଏବଂ ସୋଏବଙ୍କୁ ଗିରଫ କରିଛି। ସେମାନେ ସୁରକ୍ଷା ଯାଞ୍ଚ ପାଇଁ ଏକ ଧାଡିରେ ଠିଆ ହୋଇଥିବା ବେଳେ ମଙ୍ଗଳବାର ସଂସଦ ଗୃହର ଫ୍ଲାପ୍ ଗେଟ୍ ପ୍ରବେଶ ଦ୍ୱାରରେ ସିଏସ୍ଏଫ୍ କର୍ମଚାରୀମାନେ ଏହି ତିନି ଜଣଙ୍କୁ ଅଟକ ରଖିଥିଲେ। ଯେତେବେଳେ ଅଭିଯୁକ୍ତମାନେ ସିଏସ୍ଏଫ୍ କର୍ମଚାରୀଙ୍କୁ ସେମାନଙ୍କର ଆଧାର କାର୍ଡ ଉପସ୍ଥାପନ କରିଥିଲେ, ସେତେବେଳେ ସେମାନେ ପ୍ରମାଣପତ୍ର ସବୁ ସନ୍ଦେହଜନକ ମନେ ହୋଇଥିଲା। ଯେତେବେଳେ ଅଧିକ ଯାଞ୍ଚ ପାଇଁ କାର୍ଡ ପଠାଗଲା, ସେତେବେଳେ ସେମାନେ ଜାଲ୍ ଆଧାରକାର୍ଡ ଆଣିଛନ୍ତ ବୋଲି ସଙ୍ଗେ ସଙ୍ଗେ ଜଣାପଡ଼ିଥିଲା। ତଦନ୍ତରୁ ଜଣାପଡିଛି ଯେ ସେମାନେ ଡି ଭି ପ୍ରୋଜେକ୍ଟସ ଲିମିଟେଡ ଦ୍ୱାରା କାମ ପାଇଁ ନିଯୁକ୍ତ ହୋଇଥିଲେ ଏବଂ ସଂସଦ କମ୍ପ୍ଲେକ୍ସ ଭିତରେ ସାଂସଦଙ୍କ ଲାଉଞ୍ଜ ନିର୍ମାଣରେ ନିୟୋଜିତ ହୋଇଥିଲେ। ଏହି ତିନି ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି) ର ଧାରା ୪୬୫ (ଜାଲିଆତି), ଧାରା ୪୧୯ (ବ୍ୟକ୍ତିତ୍ୱ ଦ୍ୱାରା ପ୍ରତାରଣା), ଧାରା ୧୨୦ ବି ଅନ୍ତର୍ଭୁକ୍ତ, (ଅପରାଧିକ ଷଡଯନ୍ତ୍ର), ଧାରା ୪୭୧ (ପ୍ରକୃତ ଜାଲ୍ ଡକ୍ୟୁମେଣ୍ଟ୍ ଭାବରେ ବ୍ୟବହାର) ଏବଂ ଧାରା ୪୬୮ (ଠକିବା ଉଦ୍ଦେଶ୍ୟରେ ଜାଲିଆତି) ଆଦି ଲାଗୁ କରାଯାଇଛି।

# କନୌଜ ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି ଅଖିଳେଶ : ବିଧାୟକ ପଦରୁ ଦେଇପାରନ୍ତି ଇସ୍ତଫା

**କନୌଜ (ଏଜେନ୍ସି):** ବିଧାୟକ ପଦରୁ ଇସ୍ତଫା ଦେଇପାରନ୍ତି ଅଖିଳେଶ ଯାଦବ। ଲୋକସଭା ସାଂସଦ ଭାବେ ନିର୍ବାଚିତ ହେବା ପରେ ବିଧାୟକ ପଦରୁ ଇସ୍ତଫା ଦେଇପାରନ୍ତି ଅଖିଳେଶ। କକା ଶିବପାଲ ଯାଦବଙ୍କୁ ବିରୋଧୀ ଦଳ ନେତା ଭାବେ ନୂଆ ଦାୟିତ୍ୱ ଦେଇପାରନ୍ତି ସମାଜବାଦୀ ପାର୍ଟି ମୁଖିଆ। ଅଖିଳେଶ ଯାଦବ କରହଲ ଆସନରୁ ଏବେ ବିଧାୟକ ଅଛନ୍ତି। ତେବେ ଚଳିତ ନିର୍ବାଚନରେ କନୌଜ ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ତେଣୁ ନିୟମ ଅନୁସାରେ ବିଧାୟକ ଓ ସାଂସଦ ପଦରୁ ଗୋଟିଏ ଅଖିଳେଶଙ୍କୁ ଛାଡିବାକୁ ପଡ଼ିବ। ବିଧାୟକ ପଦରୁ ଇସ୍ତଫା ଦେଲେ କରହଲ ଆସନରୁ ତେଜ ପ୍ରତାପ ଯାଦବ ନିର୍ବାଚନ ଲଢିପାରନ୍ତି। ଲୋକସଭାରେ ଉତ୍ତରପ୍ରଦେଶରେ ଦମଦାର ପ୍ରଦର୍ଶନ ପରେ ଅଖିଳେଶ ଯାଦବ ଏବେ ଜାତୀୟ ରାଜନୀତିରେ ନିଜର ଦବଦବା ବଢାଇବାକୁ ଚାହୁଁଛନ୍ତି। ଚଳିତ ଲୋକସଭା ନିର୍ବାଚନରେ ସମାଜବାଦୀ ପାର୍ଟି ତୃତୀୟ ବୃହତ୍ତ ଦଳ ଭାବେ ଉଭା ହୋଇଛି। ଚଳିତ ନିର୍ବାଚନରେ ସମାଜବାଦୀ ପାର୍ଟି ୩୭ ଆସନରେ ବିଜୟ ହାସଲ କରିଛି। ଅନ୍ୟପଟେ ସାଧାରଣ ନିର୍ବାଚନରେ କ୍ଷମତାସୀନ ବିଜେପିକୁ ବଡ଼ ଝଟକା ଲାଗିଛି। ୨୦୧୯ ତୁଳନାରେ ବିଜେପି ୨୯ଟି କମ ଆସନ ପାଇଛି। ୨୦୧୯ରେ ବିଜେପି ୬୨ଟି ଆସନ ପାଇଥିବା ବେଳେ ୨୦୨୪ରେ ବିଜେପିକୁ ମାତ୍ର ୩୩ଟି ଆସନ ମିଳିଛି।

## ଆଇନ ଅଦାଲତ

# ସାଂସଦ ଓ ବିଧାୟକଙ୍କ ବିରୋଧରେ ୪୩୪ ଫୌଜଦାରୀ ମାମଲା ବିଚାରାଧୀନ



**କଟକ(ଏନ୍.ଏମ୍.):** ରାଜ୍ୟରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଏବେ ମୋଟ ୪୩୪ଟି ଫୌଜଦାରୀ ମାମଲା ବିଚାରାଧୀନ ରହିଛି। ୨୦୨୪, ମେ' ୩୧ ସୁଦ୍ଧା ୩୦ଟି ଜିଲ୍ଲାରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ମୋଟ ୪୩୪ଟି ମାମଲା ବିଚାରାଧୀନ ରହିଛି। ତଥ୍ୟ ଅନୁସାରେ ୨୦୨୪, ମେ' ୩୧ ସୁଦ୍ଧା ସାଂସଦ/ବିଧାୟକଙ୍କ ବିରୋଧରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୮୨ଟି ମାମଲା ବିଚାରାଧୀନ ରହିଛି। ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା କୋରାପୁଟ ଜିଲ୍ଲାରେ ୫୫ଟି, ତୃତୀୟ ସ୍ଥାନରେ ରହିଥିବା ସମ୍ବଲପୁର ଜିଲ୍ଲାରେ ୫୦ଟି, ଚତୁର୍ଥ ସ୍ଥାନରେ ଗଞ୍ଜାମ ଜିଲ୍ଲାରେ ୪୯ଟି, ପଞ୍ଚମ ସ୍ଥାନରେ କଟକ ଓ ସୁନ୍ଦରଗଡ଼ ଜିଲ୍ଲାରେ ୩୯ଟି ଲେଖାଏ ମାମଲା ସାଂସଦ/ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଅନୁଗୁଳରେ ୨୭ଟି, ବଲାଙ୍ଗୀରରେ ୨୮ଟି, ବାଲେଶ୍ୱରରେ ୨୩ଟି, ମୟୂରଭଞ୍ଜରେ ୨୮ଟି, ନୟାଗଡ଼ରେ ୫ଟି, ପୁରୀରେ ୪ଟି, ବରଗଡ଼, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର ଜିଲ୍ଲାରେ ଗୋଟିଏ ଲେଖାଏଁ ମାମଲା ସାଂସଦ/ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାଂସଦ ଓ ବିଧାୟକ ତଥା ପୂର୍ବତନ ସାଂସଦ ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ଫୌଜଦାରୀ ମାମଲାଗୁଡ଼ିକର ଶୁଣାଣି ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି। ବିଧାୟକ/ସାଂସଦଙ୍କ ବିରୋଧରେ ବିଚାରାଧୀନ ଫୌଜଦାରୀ ମାମଲାଗୁଡିକର ତ୍ୱରିତ୍ ଶୁଣାଣି ଉପରେ ହାଇକୋର୍ଟ ବି ଗୁରୁତ୍ୱାରୋପ କରି ଆସୁଛନ୍ତି। ସୁପ୍ରିମକୋର୍ଟ 'ଅଶ୍ୱିନୀ କୁମାର ଉପାଧ୍ୟାୟ ବନାମ କେନ୍ଦ୍ର ସରକାର' ମାମଲାର ଶୁଣାଣି କରି ୨୦୨୩, ନଭେମ୍ବର ୯ରେ ପ୍ରଦାନ କରିଥିବା ନିର୍ଦ୍ଦେଶ ଆଧାରରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତ୍ୱରିତ ଫଇସଲା ପ୍ରସଙ୍ଗ ତଦାରଖ ପାଇଁ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ୨୦୨୩, ଡିସେମ୍ବର ୧୧ରେ ହାଇକୋର୍ଟ ମାମଲାର ଶୁଣାଣି କରି ସାଂସଦ ଓ ବିଧାୟକଙ୍କ ବିରୋଧରେ ନୂଆକରି ରୁଜୁ ହେଉଥିବା ମାମଲା, ଫଏସଲା ହେଉଥିବା ମାମଲା ଓ ବିଚାରାଧୀନ ମାମଲାର ତଥ୍ୟ ପ୍ରତି ମାସର ୩ ତାରିଖ ସୁଦ୍ଧା ଦାଖଲ ପାଇଁ ସବୁ ଜିଲ୍ଲା ଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୃତ୍ୟୁଦଣ୍ଡ ଓ ଆଜୀବନ କାରାଦଣ୍ଡ ସମ୍ପର୍କିତ ମାମଲାଗୁଡ଼ିକୁ ପ୍ରଥମେ ପ୍ରାଥମିକତା ଦିଆଯିବ। ଏହାପରେ ୫ ବର୍ଷ ବା ତା' ଠାରୁ ଅଧିକ ଜେଲ୍‌ଦଣ୍ଡ ଥିବା ମାମଲା ଓ ତା' ପରେ ଅନ୍ୟ ମାମଲାଗୁଡ଼ିକର ଶୁଣାଣି କରାଯିବ। ସ୍ୱତନ୍ତ୍ର ଅଦାଲତ (ଡେଜିଗନେଟେଡ୍ କୋର୍ଟ) ଏହିସବୁ ମାମଲାର ତ୍ୱରିତ ଶୁଣାଣି କରିବେ। ଶୁଣାଣି ଘୁଞ୍ଚାଇବାପାଇଁ କେବଳ ବିରଳ ସ୍ଥିତିରେ ଅନୁମତି ଦିଆଯିବ। ସ୍ୱତନ୍ତ୍ର ଅଦାଲତଗୁଡ଼ିକୁ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ ପ୍ରସଙ୍ଗ ଜିଲ୍ଲା ଜଜ୍ ସୁନିଶ୍ଚିତ କରିବେ। ଏଥିସହିତ କୋର୍ଟ ୱେବ୍‌ସାଇଟ୍ରେ ସ୍ୱାଧୀନ ଟ୍ୟାବ୍ ତିଆରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଟ୍ୟାବ୍ରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ମାମଲାଗୁଡ଼ିକର ଜିଲ୍ଲାୱାରୀ ତଥ୍ୟ ଉପଲବ୍ଧ କରାଯିବ ବୋଲି ହାଇକୋର୍ଟ ଡିସେମ୍ବର ୧୧ରେ କହିଥିଲେ। ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଥିବା ବେଳେ ପ୍ରତିମାସରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ବିଚାରାଧୀନ ମାମଲାର ତଥ୍ୟ ଟ୍ୟାବ୍ରେ ଉପଲବ୍ଧ କରାଯାଉଛି।

# କ୍ଷମତାରେ ଥିବା ବେଳେ କରିଥିଲେ କୁକର୍ମ ଏବେ ପୂର୍ବତନ ଡିଆଇଜି ଓ ଡିଏସପିଙ୍କୁ ମିଳିଲା କଠୋର ଜେଲଦଣ୍ଡ



**ଚଣ୍ଡିଗଡ଼(ଏଜେନ୍ସି):** ପଦରେ ଥିବା ବେଳେ ନିଜ କ୍ଷମତାର ଅପବ୍ୟବହାର କରିଥିଲେ। ଜଣେ ନିରୀହ ପରିବା ବିକାଳିଙ୍କୁ ଅପହରଣ କରି ନେଇ ଗୁଳି କରି ଦେଇଥିଲେ। ଭାବିଥିଲେ କେହି କିଛି କରିପାରିବେ ନାହିଁ। ହେଲେ ବିଳମ୍ବରେ ହେଉ ପଛେ ନିଜର କୁକର୍ମ ପାଇଁ ଦଣ୍ଡ ପାଇଛନ୍ତି ଦୁଇ ଜଣ ପୂର୍ବତନ ପୁଲିସ୍ ଅଧିକାରୀ। ପଞ୍ଜାବର ପୂର୍ବତନ ଡିଆଇଜି ଦିଲବାଗ ସିଂହ ଓ ଡିଏସ୍ପି ଗୁରବଚନ ସିଂହଙ୍କୁ ମିଳିଛି ଜେଲଦଣ୍ଡ। ଦିଲବାଗଙ୍କୁ ସ୍ୱତନ୍ତ୍ର କୋର୍ଟ ୭ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଗୁରବଚନଙ୍କୁ ମିଳିଛି ଆଜୀବନ ଜେଲଦଣ୍ଡ। ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଆରକେ ଗୁପ୍ତା ଗୁରୁବାର ଏମାନଙ୍କୁ ଫେକ ଏନକାଉଣ୍ଟର କେସରେ ଦୋଷୀ ସାବ୍ୟସ୍ତ କରିଥିଲେ। ଆଜି ସେମାନଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇଛି। ୧୯୯୫ରେ ସୁପ୍ରିମକୋର୍ଟ ବିପୁଳ ସଂଖ୍ୟାର ଦାବିଦାର ନଥିବା ମୃତଦେହଗୁଡ଼ିକୁ କରାଯାଇଥିବା ସଂସ୍କାର ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଏହା ମଧ୍ୟରେ ପରିବା ବିକାଳି ଗୁଲଶନ କୁମାରଙ୍କ ମାମଲା ମଧ୍ୟ ରହିଥିଲା। ଗୁଲଶନଙ୍କ ବାପା ଚମନଲାଲ ଅଭିଯୋଗ କରିଥିଲେ ଯେ ୧୯୯୩ ମସିହା ଜୁନ ୨୨ରେ ସେ ଓ ତାଙ୍କ ପୁଅ ପ୍ରବୀଣ କୁମାର, ବବୀ କୁମାର ଓ ଗୁଲଶନ କୁମାରଙ୍କୁ ଡିଏସ୍ପି ଦିଲବାଗ ସିଂହ ଓ ତରନ ତାରନ ସହରର ଏସ୍ଏଚ୍ଓ ଗୁରବଚନ ସିଂହଙ୍କ ନେତୃତ୍ୱରେ ଗୋଟିଏ ପୁଲିସ୍ ଟିମ ଘରୁ ଉଠାଇ ନେଇଥିଲା। କିଛି ଦିନ ପରେ ପୁଲିସ୍ ଚମନ ଲାଲ ଓ ବାକି ୨ ପୁଅଙ୍କୁ ଛାଡ଼ିଥିଲେ ହେଁ ଗୁଲଶନ କୁମାର ହେପାଜତରେ ରହିଥିଲେ। ତାଙ୍କୁ ତରନ ତାରନ ପୁଲିସ୍ ଷ୍ଟେନରେ ରଖାଯାଇଥିବାରୁ ପରିବାର ଲୋକ ନିୟମିତ ଖାଦ୍ୟ ନେଇ ଯାଉଥିଲେ। କିନ୍ତୁ ୧୯୯୩ ମସିହା ଜୁଲାଇ ୨୨ରେ ଗୁଲଶନ କୁମାର ଓ ଅନ୍ୟ ୩ ଜଣଙ୍କୁ ପୁଲିସ୍ ଏନକାଉଣ୍ଟର କରି ଦେଇଥିବା ଜଣାପଡ଼ିଥିଲା। ତେବେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ନଥିଲା ଓ ଏହାର କୌଣସି ଦାବିଦାର ନଥିବା କହି ପୁଲିସ୍ ନିଜ ଆଡୁ ଅନ୍ତିମ ସଂସ୍କାର କରି ଦେଇଥିଲା। ଗୁଲଶନଙ୍କ ସହ ଉକ୍ତ ତଥାକଥିତ ଏନକାଉଣ୍ଟରରେ କର୍ଣ୍ଣଇଲ, ଜର୍ଣ୍ଣଇଲ ଓ ହରଜିନ୍ଦର ସିଂହଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଡିଏସ୍ପି ଦିଲବାଗ, ଇନସପେକ୍ଟର ଗୁରବଚନ, ଏଏସ୍ଆଇ ଅର୍ଜୁନ ସିଂହ, ଏଏସ୍ଆଇ ଦବିନ୍ଦର ସିଂହ ଓ ଏଏସ୍ଆଇ ବଲବୀର ସିଂହଙ୍କ ବିରୋଧରେ ଗୋଟିଏ ଚାର୍ଜଶିଟ ୧୯୯୯ ମସିହାରେ ଦାଖଲ କରାଯାଇଥିଲା। ତେବେ ମାମଲାର ଶୁଣାଣି ବେଳେ ଏଏସ୍ଆଇ ଅର୍ଜୁନ ସିଂହ, ଏଏସ୍ଆଇ ଦବିନ୍ଦର ସିଂହ ଓ ଏଏସ୍ଆଇ ବଲବୀର ସିଂହଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ୧୯୯୩ ମସିହା ଜୁଲାଇ ୨୨ରେ ହୋଇଥିଲେ ହେଁ ଚାର୍ଜଫ୍ରେମ ୨୦୨୨ ଫେବୃଆରୀ ୭ରେ କରାଯାଇଥିଲା। ଘଟଣାର ପ୍ରଥମ ସାକ୍ଷୀଙ୍କ ବୟାନ ୩୦ ବର୍ଷ ପରେ ଅର୍ଥାତ ୨୦୨୨ ମସିହା ଏପ୍ରିଲ ୨୫ରେ ଗ୍ରହଣ କରାଯାଇଥିଲା। ଏହାପରେ ସିବିଆଇ କୋର୍ଟ ଆଇପିସିର ବିଭିନ୍ନ ଦଫାରେ ଦିଲବାଗ ଓ ଗୁରବଚନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

# ରାହୁଲଙ୍କୁ କାଠଗଡ଼ାକୁ ଟାଣିଥିଲା ବିଜେପି, ମିଳିଲା ଜାମିନ




**ନୂଆଦିଲ୍ଲୀ(ଏଜେନ୍ସି):** ରାହୁଲ ଗାନ୍ଧିଙ୍କୁ ମିଳିଲା ଆଶ୍ୱସ୍ତି। କର୍ଣ୍ଣାଟକା ବିଜେପି ପକ୍ଷରୁ ରାହୁଲଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ତାଙ୍କୁ ଜାମିନ ମିଳିଛି। ବାଙ୍ଗାଲୁରୁ କୋର୍ଟ ରାହୁଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ଗଣମାଧ୍ୟମରେ ପ୍ରଦର୍ଶୀତ ବିଜ୍ଞାପନରେ ବିଜେପି ଦୁର୍ନୀତିରେ ଲିପ୍ତ ଥିବା ଦର୍ଶାଯାଇଥିଲା। ଏପରିକି ନିଜ ଶାସନ କାଳ ସମୟରେ ୨୦୧୯ରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଜେପି ରାଜ୍ୟରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା କୁହାଯାଇଥିଲା। ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମନ୍ତେ ବିଜେପି ନେତା ୪୦% କମିଶନ ଖାଉଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଏକ ଦୁର୍ନୀତି ରେଟ୍ କାର୍ଡ ବି ସାର୍ବଜନୀନ କରିଥିଲା।। ବିଜେପି ବିଧାୟକ ତଥା ଜେନେରାଲ ସେକ୍ରେଟାରୀ କେଶବ ପ୍ରସାଦ ଏହି ମାମଲାରେ କଂଗ୍ରେସ ନେତାଙ୍କୁ କାଠଗଡ଼ାକୁ ଟାଣିଥିଲେ। ଏପରିକି ମିଥ୍ୟା ବିଜ୍ଞାପନ ଦେଇ ବିଜେପିର ଛବି ମଳିନ କରିବା ସହ ସାଧାରଣ ଜନତାଙ୍କୁ ଭ୍ରମିତ କରିବା ନେଇ ସେ ଡି.କେ ଶିବକୁମାର, ସିଦ୍ଧରମୈୟା ଓ ରାହୁଲ ଗାନ୍ଧିଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଗତ ୧ ତାରିଖରେ ବାଙ୍ଗାଲୁରୁ କୋର୍ଟ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କୁ ଜାମିନ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଦିନ ରାହୁଲ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ - ବିହୀନ ଗିରଫ ପରୱାନା ଜାରି କରିବାକୁ ବିଜେପି ପକ୍ଷରୁ ଦାବି କରାଯାଇଥିଲା। ଏହାପରେ କୋର୍ଟ ପକ୍ଷରୁ ତାଙ୍କୁ ଆଜି ହାଜର ହେବାକୁ କୁହାଯାଇଥିଲା। ଆଜି ରାହୁଲ କୋର୍ଟରେ ହାଜର ହୋଇଥିବା ବେଳେ ସେଠାରେ ମାମଲାର ଶୁଣାଣି ପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ଏହାପରେ ରାହୁଲ କୋର୍ଟରୁ ବାହାରି ଯାଉଥିବା ଦେଖିବାକୁ ମିଳିଥିଲା।

# ଦୋକାନଘର ଖାଲି କରିବାକୁ ବିରୋଧ : ଓଏସ୍ଆରଟିସିକୁ ହାଇକୋର୍ଟଙ୍କ ନୋଟିସ୍

**କଟକ(ଏନ୍.ଏମ୍.):** ବାଦାମବାଡି ବସ୍‌ଷ୍ଟାଣ୍ଡ ସମ୍ମୁଖ ଓଏସ୍ଆରଟିସି (ଓଡିଶା ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍) ଡିଟିଏମ୍ ମାର୍କେଟ୍ କମ୍ପ୍ଲେକସ୍ ପରିସରରେ ଥିବା ଏକ ଦୋକାନଘର ଖାଲି କରିବାକୁ ହୋଇଥିବା ନୋଟିସ୍ ବିରୋଧରେ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ଓଏସ୍ଆରଟିସିକୁ ଜବାବ ତଲବ କରିଛନ୍ତି। ଆବେଦନକାରୀ ପପିଆ ସିକଦର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଏମ୍.ଏସ୍. ରମଣଙ୍କ ଅବକାଶକଳୀନ ଖଣ୍ଡପୀଠ ଓଏସ୍ଆରଟିସିକୁ ନୋଟିସ୍ ଜାରି କରିବା ସହ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଏହି ମାର୍କେଟ୍ କମ୍ପ୍ଲେକସ୍ ପରିସରରେ ଥିବା ଦୋକାନଘର ଗୁଡିକରେ ବ୍ୟବସାୟ କରି ସେମାନେ ନିଜ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଦୋକାନୀମାନଙ୍କ ନିମନ୍ତେ ଅନ୍ୟ ବ୍ୟବସ୍ଥା ଗ୍ରହଣ ନ କରି ହଠାତ୍ ସେମାନଙ୍କୁ ଦୋକାନ ବନ୍ଦ କରିବା ପାଇଁ ଆଦେଶ ଦେବାକୁ ବେଆଇନ ଦର୍ଶାଇ ଆବେଦନକାରୀମାନେ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଦୋକାନଘର ଖାଲି କରିବା ଦ୍ୱାରା ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଆବେଦନରେ ଦର୍ଶାଯାଇଛି। ହାଇକୋର୍ଟ ଏହି ମାମଲାରେ ଓଏସ୍ଆରଟିସିକୁ ନୋଟିସ୍ ଜାରି କରିବା ସହ ଆସନ୍ତା ଜୁଲାଇ ୮ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି।

ନିଷ୍କର୍ଷ
NISHKARSHA



## ସମ୍ପାଦକୀୟ

## ଓଡ଼ିଶାରେ ପରିବର୍ତ୍ତନର ପୃଷ୍ଠଭୂମି

ଦୀର୍ଘ ଚବିଶ ବର୍ଷ କାଳ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ରହିଥିବା ଶ୍ରୀ ନବୀନ ପଟ୍ଟନାୟକ ଗତ ୫ ତାରିଖରେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଏଭଳି ଏକ ପରିସ୍ଥିତି ସୃଷ୍ଟି ହେବ ବୋଲି ଅନେକେ ଭାବିପାରି ନ ଥିଲେ । ଅଧିକାଂଶ ଲୋକ ଭାବିଥିଲେ, ଆସନ ସଂଖ୍ୟା କିଛି କମିଗଲେ ସୁଦ୍ଧା ପୁଣି ଥରେ ବିଜେଡି କ୍ଷମତାକୁ ଫେରିବ । ସେଥିପାଇଁ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ଏବଂ ମୁଖ୍ୟମନ୍ତ୍ରୀ ପଦରୁ ନବୀନ ପଟ୍ଟନାୟକଙ୍କ ଇସ୍ତଫା ସେମାନଙ୍କ ଲାଗି ଏକ ଅବିଶ୍ୱସନୀୟ ଘଟଣା ହୋଇପଡ଼ିଛି । ଏହାଠାରୁ ଅଧିକ ଅବିଶ୍ୱାସ୍ୟ ଘଟଣା ହେଉଛି କଣ୍ଟାବାଞ୍ଜି ବିଧାନସଭା ଆସନରୁ ସେଭଳି ସାମାଜିକ ପ୍ରତିପତ୍ତି କିମ୍ବା ପ୍ରତିଷ୍ଠା ନ ଥିବା ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ନବୀନ ପଟ୍ଟନାୟକଙ୍କ ପରାଜୟ ବରଣ । ଏହି ଲେଖକ ମତରେ କଣ୍ଟାବାଞ୍ଜିର ଘଟଣାଟି ହିଁ ସଦ୍ୟସମାପ୍ତ ଓଡ଼ିଶା ନିର୍ବାଚନର ସବୁଠାରୁ ଉଲ୍ଲେଖନୀୟ ଘଟଣା ଯାହା ନିଜେ ନବୀନ ପଟ୍ଟନାୟକ କଦାପି ଭୁଲିପାରିବେ ନାହିଁ । ହିଞ୍ଜିଳି ଆସନରୁ ସ୍ୱଳ୍ପ ବ୍ୟବଧାନରେ ତାଙ୍କର ବିଜୟ କଣ୍ଟାବାଞ୍ଜି ପରାଜୟ ଅଭିଜ୍ଞତାର କ୍ଷତିପୂରଣ କରିପାରିବ ନାହିଁ । ବର୍ତ୍ତମାନ ସର୍ବତ୍ର ଆଲୋଚନା ହେଉଅଛି ଯେ ଏଭଳି ଘଟଣା କାହିଁକି ଘଟିଲା ? ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଯେଉଁ ନବୀନ ପଟ୍ଟନାୟକ ଭାରତର ରାଜନେ ?ତିକ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଥିଲେ ସେ କାହିଁକି ନିଜେ ଇତିହାସ ପାଲଟିଗଲେ ? ଏହାର ଉତ୍ତର ଭାବେ କେତୋଟି କଥା ଉଲ୍ଲେଖ କରାଯାଇପାରେ । ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସବୁବେଳେ ଜଗନ୍ନାଥଙ୍କର ଜଣେ ବିଶିଷ୍ଟ ଭକ୍ତ ଭାବେ ଚିତ୍ରଣ କରାଯାଇ ଆସିଛି । ଜଗନ୍ନାଥ ସଂସ୍କୃତିରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସେ ଶିକ୍ଷା କରିବା ଆବଶ୍ୟକ ଥିଲା । ସର୍ବଦା ଗର୍ଭଗୃହର ରତ୍ନ ସିଂହାସନରେ ବସିରହୁଥିଲେ ସୁଦ୍ଧା ବର୍ଷକରେ ଥରେ ରଥଯାତ୍ରା ସମୟରେ ଜଗନ୍ନାଥ ମନ୍ଦିର ବାହାରକୁ ଆସନ୍ତି, ସାଧାରଣ ଲୋକଙ୍କ ସହ ମିଶନ୍ତି ଏବଂ ଠେଲାପେଲା ଭିତରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ମାତ୍ର ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କଠାରୁ ବହୁ ଦୂରକୁ ଚାଲିଯାଇଥିଲେ ; ଏପରିକି ତାଙ୍କ ଦଳର ନେତା କି କର୍ମୀ ମଧ୍ୟ ତାଙ୍କୁ ଭେଟିପାରୁ ନ ଥିଲେ । ସେମାନେ ନବୀନଙ୍କୁ ଭେଟିବାକୁ ଚାହୁଁଥିଲେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ଅନୁମତି ପ୍ରୟୋଜନ ପଡୁଥିଲା । ଯେଉଁମାନେ କହୁଛନ୍ତି ଯେ, ନିର୍ବାଚନରେ ଏହି ବିପର୍ଯ୍ୟୟ 'ଅପ୍ରତ୍ୟାଶିତ' ଥିଲା ସେମାନେ ସଂପୂର୍ଣ୍ଣ ଠିକ୍ କହୁନାହାନ୍ତି । ବାସ୍ତବରେ ବିଭିନ୍ନ ପ୍ରକାର ମାର୍ଗରେ ଗଣମାଧ୍ୟମଗୁଡ଼ିକୁ ଏଭଳି ନିରବ କରିଦିଆଯାଇଥିଲା ଯେ ସାଧାରଣ ଲୋକଙ୍କ ଭିତରେ ସରକାରଙ୍କ ବିରୋଧରେ କି ଧରଣର ପ୍ରତିକ୍ରିୟା ସୃଷ୍ଟି ହେଉଛି ତାହା ଜାଣିବାର ବାଟ ନ ଥିଲା । ଓଡ଼ିଶାର ପ୍ରାୟ ସବୁ ଟିଭି ଚ୍ୟାନେଲ୍ ଓ ସମ୍ବାଦପତ୍ର ସରକାରଙ୍କୁ ସୁହାଇବା ଭଳି ଖବର ପ୍ରକାଶ କରୁଥିଲେ । ଯେଉଁମାନେ ଟିକିଏ ବିରୋଧ କରିବାକୁ ଉଦ୍ୟମ କରୁଥିଲେ ସେମାନଙ୍କୁ ବିଭିନ୍ନ ଉପାୟରେ ଦମନ କରି ଦିଆଯାଉଥିଲା । ଯେଉଁମାନେ ସରକାରଙ୍କୁ ପ୍ରଶଂସା କରୁଥିଲେ ସେମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାର ବିଜ୍ଞାପନରେ ସନ୍ତୁଷ୍ଟ କରାଯାଉଥିଲା । ସାମାଜିକ ଗଣମାଧ୍ୟମରେ କେହି ଜଣେ ଉଚିତ କଥା କହିଲେ ଆଉ ପାଞ୍ଚ ଜଣ ନକଲି ସମର୍ଥକ ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ ଦେଇ ନିରବ କରିଦେଉଥିଲେ । ଏହା ଫଳରେ ଅସଲ ଚିତ୍ର ଜଣାପଡୁ ନ ଥିଲା । ପାଣିପାଗ ଅଫିସ୍‌ରେ ତାଲା ପକେଇଦେଲେ ଝଡ଼ର ଗତିପଥ ବଦଳିଯିବ ବୋଲି ଭାବିବା ଯାହା, ଗଣମାଧ୍ୟମକୁ ମହମବତି ବଦଳରେ ଅଗରବତି ଭାବେ ବ୍ୟବହାର କଲେ ବାସ୍ତବ ଚିତ୍ର ବଦଳିଯିବ ବୋଲି ଭାବିବସିବା ସେଇଆ । ଏହି ପ୍ରକାର ଭୁଲ୍ ଜରୁରୀକାଳୀନ ପରିସ୍ଥିତି ସମୟରେ ଇନ୍ଦିରା ଗାନ୍ଧୀ କରି ପସ୍ତେଇଥିଲେ । ଦୁର୍ଭାଗ୍ୟ, ଆଜିର ନେତାମାନେ ଇତିହାସରୁ ସେକଥା ନ ଶିଖି ସେଇ ଭୁଲର ପୁନରାବୃତ୍ତି କରିଚାଲିଛନ୍ତି ।

✷ ✷ ✷

## କବିତା ଗୁଚ୍ଛ

### ସାବିତ୍ରୀ ବ୍ରତ ୨୦୨୪

ଆସୁଛିରେ, ଆସୁଛିରେ
ସାବିତ୍ରୀ ବ୍ରତ ଟି ମାଡି ।
ସତ୍ୟବାନ ସବୁ ଏଠି
ଟଣା ଓଟରା ହୁଅନ୍ତି
ତା ସାଥିରେ ବାପଘର
ପ୍ରମାଦତ ଗଣୁଛନ୍ତି,
ମାସ ଆରମ୍ଭେ ପଡିଛି
ନଦେବା ଛାଡି
ଆସୁଛି ରେ............
ଉପବାସେ କରି ବ୍ରତ
ଅଖାଇ ନାନୀ ଚରିତ,
ଆମ୍ବ ପଣଶ ସାଥୀକୁ
କଦଳୀ ଟା ଆଣିବତ,
ଯେତେ ଦାମ ହେଉ ପଛେ
ଲିଚୁ କୋଳି ଥିବ ସାଥେ,
ଶାଢ଼ୀ ଚୁଡ଼ି ଅଳତା ଓ
ସିନ୍ଦୁର ନାଇବୁଁ ମାଥେ ।
ମାସ ଆରମ୍ଭେ ପଡିଛି
ନଦେବା ଛାଡି ।
ଆସୁଛିରେ...........
ସ୍ୱାମୀକୁ ସାଥିରେ ନେବା
ମନ୍ଦିରେ ଯାଇ ପଶିବା
ସେ ଭିଡ଼ରେ ପେଲି ହୋଇ
ନନା କୁ ଦକ୍ଷିଣା ଦେବା
ଥାଉ କି ନଥାଉ ଟଙ୍କା
ପତିଦେବ କରେ ଶଙ୍କା
ସେ କଥା ବୁଝିବା ପାଇଁ
ନାହିଁ ଆମ ମନେ ଦକା
ମାସ ଆରମ୍ଭେ ପଡିଛି
ମାସ..........
ଆସୁଛିରେ..................
କ,ଣ ଠିକ କହିଲିତ ?





– ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା, ନିଆଳି, କଟକ

# ଗଲ୍ଫ ଦେଶ ମାନଙ୍କ ସହିତ ଭାରତର ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି ମୁସଲିମ ବିରୋଧୀ ଅପପ୍ରଚାରକୁ ଖଣ୍ଡନ କରିଥାଏ

୨୦୧୪ ମସିହା ପରଠାରୁ ପ୍ରଧାନମନ୍ତ୍ରୀ ମୋଦି କାର୍ଯ୍ୟଭାର ଗ୍ରହଣ କରିବା ପରଠାରୁ ଭାରତ ଗଲ୍ଫ, ଦେଶମାନଙ୍କ ସହିତ ସକ୍ରିୟ ଭାବରେ ଜଡିତ ଅଛି । ଏହି ସମ୍ପର୍କ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ, ବାଣିଜ୍ୟ କ୍ଷେତ୍ର ସହିତ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ମଧ୍ୟ ଅନ୍ତର୍ଭୁକ୍ତ । ବର୍ତ୍ତମାନ ଭାରତର ଉଦ୍ଦେଶ୍ୟ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗକୁ ଆର୍କଷଣ କରି ଅର୍ଥବ୍ୟବସ୍ଥାର ବିକାଶ କରିବା ସହିତ ଉକ୍ତ ଅଂଚଳରେ ISIS ଭଳି ଆଞ୍ଚଳିକ ସୁରକ୍ଷା ଆହ୍ୱାନ ଗୁଡିକର ମୁକାବିଲା କରିବା ଅଟେ । ଭାରତର କୂଟନୈତିକ ଆଭିମୁଖ୍ୟ ବହୁମୁଖୀ ହେବାଦ୍ୱାରା ଉକ୍ତ ଅଂଚଳରେ ଶାନ୍ତି ଓ ସ୍ଥିରତାର ଅଂଶୀଦାର ଭାବରେ ଏହାର ଭୂମିକା ବୃଦ୍ଧି ପାଇଛି ।

ଗଲ୍ଫ, ଦେଶ ମାନଙ୍କ ସହିତ ଭାରତର ବାଣିଜ୍ୟ ସମ୍ପର୍କ ବହୁମୁଖୀ ଏବଂ ମହତ୍ୱପୂର୍ଣ୍ଣ ଅଟେ । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରାଳୟର ତଥ୍ୟାନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ଏବଂ ଗଲ୍ଫ, ଦେଶ ମାନଙ୍କ ମଧ୍ୟରେ ୧୮୪ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ ସହ ଗଲ୍ଫ କର୍ପୋରେସନ କାଉନସିଲ (ଜିସିସି) ଭାରତର ସର୍ବବୃହତ ଅଂଶୀଦାର ଭାବରେ ଉଭା ହୋଇଛି । ଗଲ୍ଫ ଦେଶ ଗୁଡିକରୁ ଭାରତ ପ୍ରାୟ ୩୫% ଭାଗ ତୈଳ ଏବଂ ୭୦% ଭାଗ ଗ୍ୟାସ ଆମଦାନୀ କରିଥାଏ । ଭାରତରେ ବର୍ତ୍ତମାନ ଏଉଉ ଦ୍ୱାରା ପୁଞ୍ଜି ବିନିଯୋଗ ୧୮ ବିଲିୟନ ଡଲାରକୁ ପହଞ୍ଚିଛି । ଭାରତ ମଧ୍ୟ ଏଉଉ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ପାଇଁ ବିଚାର କରୁଛି । ଭାରତୀୟ ଚା ମୁଖ୍ୟତଃ ଆସାମର ଚା । ଏଉଉ ଦେଶ ଗୁଡିକୁ ପଠାଯାଉଛି । ଆର୍ଥିକ ବର୍ଷ ୨୦୨୦-୨୦୨୧ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତରୁ ଜିସିସିକୁ ଚା ରପ୍ତାନୀ ୭୬.୨୦ ମିଲିୟନ ଡଲାରରୁ ବୃଦ୍ଧି ଘଟି ୧୦୭.୧୮ ମିଲିୟନ ଡଲାରକୁ ପହଂଚିଛି ଯାହାକି ୪୦.୬୬% ଭାଗ ବୃଦ୍ଧି ଅଟେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାରମ୍ବାର ଏଉଉ ଦେଶ ଗୁଡିକକୁ ଗସ୍ତ ଏବଂ ସେହି ଦେଶର ନେତା ମାନଙ୍କ ସହ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ ଦ୍ୱାରା କୂଟନୈତିକ ସମ୍ପର୍କକୁ ସୁଦୃଢ କରାଯାଇ ପାରିଛି । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟସ (ଟଇର) ନିକଟରେ ଏକ ଦ୍ୱିପାକ୍ଷିକ ବିସ୍ତୃତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା (ସିଇପିଏ) ଚୂଡାନ୍ତ କରିଛନ୍ତି, ଯାହାକି ମଇ ୦୧,୨୦୨୨ ଠାରୁ ଲାଗୁ ହୋଇଛି । ଏହି ଚୁକ୍ତିନାମା ଦ୍ୱାରା ଉଭୟ ଦେଶ ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୬୦ ବିଲିୟନ ଡଲାରରୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବା ପାଇଁ ଆଶା ରଖିଛନ୍ତି । ଭାରତରେ ମାର୍ଚ୍ଚ ୨୦୨୨ ସୁଦ୍ଧା ସାଉଦୀ ଆରବ ୩.୨ ବିଲିୟନ ଡଲାର ବିନିଯୋଗ କରିଥିବା ବେଳେ, କତାର ଗତବର୍ଷ ୧.୫ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରିଛି । ଭାରତୀୟ- ସାଉଦୀ ଆରବ ଏବଂ ଏମିରାଟି ତୈଳ କମ୍ପାନୀ ଗୁଡିକ ଦ୍ୱାରା ୪୪ ବିଲିୟନ ଡଲାରର ରତ୍ନଗିରି ତୈଳ ବିଶୋଧନାଗାର ଏବଂ ମହାରାଷ୍ଟ୍ରରେ ପେଟ୍ରୋକ୍ୟାମିକଲ ପ୍ରକଳ୍ପର ମିଳିତ ବିକାଶ, ଏହି ଦେଶ ଗୁଡିକ ଦ୍ୱାରା ଭାରତ ପ୍ରତି ଆର୍ଥିକ ଆଗ୍ରହର ପ୍ରମାଣ ଅଟେ । ଜିସିସି ଦେଶ ଗୁଡିକର ଅନେକ ପ୍ରବାସୀ ଭାରତୀୟ ନିଜ ଦେଶକୁ ଅନେକ ଅର୍ଥ ପଠାଇ ଥାଆନ୍ତି । କୋଭିଡ୍ ମହାମାରୀ ସମୟରେ ୧୦୦ ବିଲିୟନ ଡଲାରରୁ ଉର୍ଦ୍ଧ ଅର୍ଥ ଏହି ଦେଶ ସମୂହରୁ ପଠାଯାଇଥିଲା । ଅଧୀକନ୍ତୁ , ଏହି ଦେଶଗୁଡିକ ପାଖାପାଖି ୦୯ ମିଲିୟନ ଭାରତୀୟ ପ୍ରବାସୀ ମାନଙ୍କ ଏକ ମୁଖ୍ୟ ବାସସ୍ଥଳୀ ଅଟେ । ଜିସିସି ଦେଶ ମାନଙ୍କ ସହିତ ସୁରକ୍ଷା ସହଯୋଗ ସୁଦୃଢ କରିବା ପାଇଁ ଭାରତ ଏକ ନୂତନ ସାମରିକ ଅଭ୍ୟାସ ଆରମ୍ଭ କରିଛି । ୨୦୧୮ ଏବଂ ୨୦୧୯ ପର ଠାରୁ ଭାରତ UAE ଏବଂ କତାର ସହ ଦ୍ୱିପାକ୍ଷିକ ନୌସେନା ଅଭ୍ୟାସ କରିଛି ଏବଂ ପରେ ୨୦୨୧ ପରଠାରୁ ବାହାରିନ ଏବଂ ସାଉଦୀ ଆରବ ସହିତ ମଧ୍ୟ ଏହା ଚାଲୁଅଛି । ଦୃଢ ବାଣିଜ୍ୟ, ମହତ୍ୱପୂର୍ଣ୍ଣ ଅର୍ଥ ପ୍ରବାହ ଓ ରଣନୈତିକ ଶକ୍ତି ସମ୍ପର୍କ ଦ୍ୱାରା ଗଲ୍ଫ ଦେଶ ସମୂହ ଭାରତ ପାଇଁ ଏକ ଗୁରତ୍ୱପୂର୍ଣ୍ଣ ଅର୍ଥନୈତିକ ଭାଗିଦାର ଅଟନ୍ତି । ଆମ ଦେଶ ଭାରତ ଯେଉଁଠି ମୁସଲମାନ ଜନସଂଖ୍ୟା ଏକ ମହତ୍ୱପୂର୍ଣ୍ଣ ଅଙ୍ଗ, ଅନେକ ଗଲ୍ଫ, ଦେଶ ସହିତ ସାଂସ୍କୃତିକ, ଧାର୍ମିକ ଏବଂ ଐତିହାସିକ ସମ୍ପର୍କ ରଖିଆସିଛି । ଗଲ୍ଫ, ରାଷ୍ଟ୍ରଗୁଡିକ ସହିତ ଭାରତର ଦୃଢ କୁଟନୈତିକ ସମ୍ପର୍କ ଉକ୍ତ ବ୍ୟକ୍ତି ମାନଙ୍କ ଉପରେ ଏକ ଶକ୍ତ ଚାପୁଡା ଅଟେ ଯେଉଁ ମାନେ ଭାରତ ସରକାରଙ୍କ ନୀତିକୁ ଭେଦଭାବପୂର୍ଣ୍ଣ ଓ ମୁସଲିମ୍ ବିରୋଧୀ ବୋଲି ଅଭିଯୋଗ କରିଥାଆନ୍ତି । ଗଲ୍ଫ ଦେଶ ଗୁଡିକ ସହିତ ବାଣିଜ୍ୟ ଚୁକ୍ତିରେ ସାମିଲ ହୋଇ ଭାରତ ପାରସ୍ପରିକ ବୁଝାମଣା ଏବଂ ସହଯୋଗକୁ ପ୍ରୋତ୍ସାହନ ଦେଇ ବିଭାଜନକାରୀ ଅପପ୍ରଚାରକୁ ମୁକାବିଲା କରିବା ସହିତ ଏକ ସମାବେଶୀ ବିକାଶ ପାଇଁ ଅଗ୍ରସର । ଗଲ୍ଫ,ଦେଶ ଗୁଡିକ ସହିତ ଭାରତର ଅର୍ଥନୈତିକ, କୂଟନୈତିକ ସମ୍ପର୍କ ଉତ୍ତରଦାୟିତ୍ୱ ସଚ୍ଛତା ଏବଂ ସମାବେଶୀତା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ଏହା ସହ ଧର୍ମ ଓ ଜାତି ନିର୍ବିଶେଷରେ ସମସ୍ତ ନାଗରିକଙ୍କ ଅଧିକାର ତଥା ସାଧୀନତାକୁ ସୁରକ୍ଷିତ ରଖି ବିବିଧତା ପ୍ରତି ସମ୍ମାନ, ସହନଶୀଳତା ଏବଂ ସମ୍ମାନର ମୂଲ୍ୟବୋଧ ସହିତ ଅର୍ଥନୈତିକ ସହଯୋଗ ଭାରତ ତଥା ଗଲ୍ଫ ଦେଶର ସରକାରଙ୍କ ଦ୍ୱାରା ସୁନିଶ୍ଚିତ କରାଯିବା ଉଚିତ୍ ।

✷

– ଅଲତାଫ୍ ମିର
ପିଏଡି ଛାତ୍ର ଜାମିଆ ମିଲିଆ ଇସଲାମିଆ

# ସନାତନ ଧର୍ମ (ଭାଗ -୪)

ନିଜ ଜୀବନ ରହସ୍ୟ ତଥା ପୃଥିବୀ ପୃଷ୍ଠରେ ମଣିଷ ଜୀବନର ଉତ୍ପ□ ସମ୍ବନ୍ଧିତ ଜ୍ଞାନ ପାଇବା ହୁଏତ ମଣିଷର ଅଂମ ଜ୍ଞାନ ଯାହା ପ୍ରାପ୍ତି ହେବା ଦ୍ୱାରା ଉପସ୍ଥିତ ସମୟର ପାର୍ଥିବ ପ୍ରଲୋଭନ ମନୋଭାବ ମଣିଷ ମନରୁ ଧିରେ ଧିରେ ଉଭେଇଯିବ ଏବଂ ମଣିଷ ନିର୍ବାଣ ପ୍ରାପ୍ତି ହେବା । ଅର୍ଥାତ ଜୀବନର ସମ୍ପୂର୍ଣ୍ଣତା ଲାଭ କରିପାରିବା । କେତେକ ନିରୋଳା ସକ୍ରିୟ ମଣିଷଙ୍କ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବିଷୟ ଆଧାରିତ ପ୍ରୟୋଗାତ୍ମକ ଅନୁସନ୍ଧାନରୁ ନିର୍ଗତ ଦିବ୍ୟଜ୍ଞାନ ଯୁକ୍ତ ଚେତନା ଗୁଡିକ ଏକତ୍ରିତ ଭାବେ ଗୋଟିଏ ପୁସ୍ତକରେ ବର୍ଣ୍ଣିତ ସନାତନ ଧର୍ମ ଅର୍ଥାତ ତାହା ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିବ ଯିଏ ତାର ପ୍ରକୃତ ମହତ୍ୱ ବୁଝିପାରିବା । ଅଥବା ତାକୁ ଏକ ସମୟ ଅତିବାହିତ କରିବା ଗଳ୍ପ ମାଳା ବୋଲି ଭାବୁଥିବା ଆଜି ସମୟର ବୈଷୟିକ ଶିକ୍ଷାଧାରୀଙ୍କ ବିଚାର ସମ୍ପୂର୍ଣ୍ଣ ଅମାନୁଷିକ । ଜଣେ ସାଧାରଣ ମଣିଷ ଜୀବନ କାଳ ମଧ୍ୟରେ ନିଜସ୍ୱ ପ୍ରଚେଷ୍ଟା ମାଧ୍ୟମରେ କିଂଚିତ ମାତ୍ର ତତ୍ତ୍ୱ, ତଥ୍ୟ ପାଇପାରିବ ଯଦି ହୃଦୟର ସହିତ ଚେଷ୍ଟା କରିବ ଜାଣିବା ପାଇଁ ପ୍ରାକୃତିକ ଜୀବନ ରହସ୍ୟ ସମ୍ବନ୍ଧରେ । ସନାତନ ଧର୍ମ କି'ୁ ମନୁଷ୍ୟ ଜୀବନର ରହସ୍ୟ ଗୁଡିକର ବ୍ୟାପକ ତତ୍ତ୍ୱ, ତଥ୍ୟର ସମାହାର କେବଳ ଅନେକ ବ୍ୟକ୍ତିତ୍ୱଙ୍କ ପ୍ରରଣା ଗୁଡିକ ଏକତ୍ରିତ ଯାହା ସେମାନେ ବର୍ଷ ବର୍ଷ ଧରି ଗବେଷଣାତ୍ମକ ଭାବେ ଉଦ୍ଭାବନ କରି ଲେଖି ଯାଇଛିଁ । ସେଗୁଡିକୁ ଆଜି ସମୟରେ ଅନୁକରଣ, ଅନୁସରଣ କରି ଜଣେ ମଣିଷ ସହଜରେ ନିଜ ଜୀବନର ରହସ୍ୟ ଗୁଡିକୁ ଜାଣିପାରିବ ଯାହା ଅନ୍ୟ କୌଣସି ମାଧ୍ୟମ ତଥା ଶିକ୍ଷାରେ ପ୍ରାପ୍ତି ହେବା ସମ୍ଭାବନା ନାହିଁ ! ବୈଷୟିକ ଶିକ୍ଷା ତଥା ପାର୍ଥିବ ବିଜ୍ଞାନରେ ପାରଦର୍ଶିତା ଲାଭ କରିଥିବା ମଣିଷ ନିଜକୁ ଯେଉଁ ଜ୍ଞାନିର ପରିଚୟ ଦେଉଛି କିମ୍ବା ସମାଜ ସେମାନଙ୍କୁ ଯେଉଁ ସମ୍ମାନ ପ୍ରଦର୍ଶନ ପୂର୍ବକ ମାନ୍ୟତା ଦେଉଛି ତାହାଦ୍ୱାରା ସମାଜର କିଛି ପ୍ରୟୋଗାତ୍ମକ କାର୍ଯ୍ୟ ସମ୍ପାଦନ ହେବା ସହିତ ସେମାନଙ୍କୁ ରୋଜଗାରକ୍ଷମ କରିବାରେ ସହାୟତା ହୋଇଥାଏ । ସେମାନଙ୍କୁ ଜଣେ ଶିକ୍ଷିତ ବା ଅଭିଜ୍ଞ ମଣିଷ ବୋଲି କୁହାଯାଇ ପାରିବ, କି'ୁ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର, କାରଣ ଆଜି ସମୟରେ ପ୍ରକୃତ ଜ୍ଞାନୀଙ୍କ ପରିଚୟ ଶୂନ୍ୟ ! ମଣିଷ ମସ୍ତିଷ୍କର ସୂକ୍ଷ୍ମ କୋଷ ଗୁଡିକ ପରିପକ୍ୱ ହୋଇଥାଏ କେବଳ ଧ୍ୟାନ ମାଧ୍ୟମରେ ଯାହା ବୈଷୟିକ ଶିକ୍ଷା ବା ପ୍ରୟୋଗାତ୍ମକ ପାର୍ଥିବ ଶିକ୍ଷା ମାଧ୍ୟମରେ ସମ୍ଭବ ନୁହେଁ ! ପାଶ୍ଚାତ୍ୟର କେତେକ ପାର୍ଥିବ ଶିକ୍ଷା କୌଶଳ ଆମ ଦେଶରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା ଯାହା ଏପର୍ଯ୍ୟ' ବଳବ□ର ରହି ପୁନର୍ବାର ସେଗୁଡିକୁ ଅଧିକରୁ ଅଧିକ ବ୍ୟବସାୟ କୈନ୍ଦ୍ରିକ କରାଯାଇ ସାଧାରଣ ମଣିଷଙ୍କୁ ଯେଉଁ ଶିକ୍ଷା ଦିଆଯାଉଅଛି ସେଗୁଡିକ ସନାତନ ଧର୍ମ ତୁଳନାତ୍ମକ ଜଣେ ମଣିଷକୁ ଭଲରେ ଖାଇ ପିଇ ବଂଚିବାର ସୁଯୋଗ ସୃଷ୍ଟି କରିବାରେ ସହଯୋଗୀ ହୋଇଥିଲେ ମଧ୍ୟ ନିଜ ଜୀବନର ପ୍ରକୃତ ରହସ୍ୟ ତଥା ମଣିଷ ଜୀବନର ଅଂମ ଲକ୍ଷ ବିଷୟରେ ଆଦୌ ଜ୍ଞାନ ପ୍ରଦାନ କରିପାରିବ ନାହିଁ । ସନାତନ ଧର୍ମ କି'ୁ ମଣିଷକୁ ସମସ୍ତ ପ୍ରକାର ପ୍ରକୃତିକ ଜ୍ଞାନ ପ୍ରଦାନ କରିବାରେ ଯଥେଷ୍ଟ ଉପଯୋଗୀ ହୋଇପାରିବ ଯାହା ଆଧୁନିକ ପାଶ୍ଚାତ୍ୟ ଶିକ୍ଷାରେ ପ୍ରାପ୍ତି କରିବା ସମ୍ପୂର୍ଣ୍ଣ ଭାବେ ଅସମ୍ଭବ । ବୈସୟୀକ / ଧନ୍ଦା ମୂଳକ ପାର୍ଥିବ ଶିକ୍ଷା ଯାହା ମଣିଷ ତଥା ସମାଜରେ କେତେକ ମଙ୍ଗଳକାରୀ କାର୍ଯ୍ୟ କରିବାରେ ସାହାଯ୍ୟ କରୁଛି ସେଗୁଡିକୁ ସମ୍ପୂର୍ଣ୍ଣ ହତାଦର, ପ୍ରତ୍ୟାଖ୍ୟାନ କରାଯାଇ ନପାରେ । କାରଣ ତାହା ଦ୍ୱାରା ମଣିଷ ଆଜି ଅନେକ ତଥ୍ୟ ପାଇବା ସହିତ ପାର୍ଥିବ ବିଜ୍ଞାନ ବିଷୟରେ ବ୍ୟାପକ ଜ୍ଞାନ ପାଇପାରିଛି ଯାହା ସନାତନ ଧର୍ମ ଗ୍ରଂଥ ମାଧ୍ୟମରେ ପାଇବା ଅସମ୍ଭବ । ପାର୍ଥିବ ପ୍ରୟୋଗାତ୍ମକ ଶିକ୍ଷା ଦ୍ୱାରା ମଣିଷ ଜୀବନର ଅନେକ ସୁଖ ସମୃଦ୍ଧି ପ୍ରାପ୍ତିକୁ ଅସ୍ୱୀକାର କରିହେବ ନାହିଁ ଯାହା ସନାତନ ଧର୍ମ ଦ୍ୱାରା ସମ୍ଭବ ହେବନାହିଁ । ଉଭୟ ଶିକ୍ଷା ମଣିଷକୁ ଆହୁରି ଉଚ୍ଚକୁ ଟାଣି ନେବାରେ ସହଯୋଗୀ ହୋଇପାରିବ ଯାହା ଆଦିମ ମନୁଷ୍ୟ ତା'ର ଉପଲବ୍ଧିରୁ ବହିର୍ଭୁତ ଥିଲା । ପାଶ୍ଚାତ୍ୟର ବୈସୟୀକ ପାର୍ଥିବ ଶିକ୍ଷା ସହିତ ଭାରତୀୟ ସନାତନ ଶିକ୍ଷାର ସମାହାର ଆମ ଦେଶରେ କାହିଁକି ବରଂ ସମଗ୍ର ପୃଥିବୀର ମଣିଷ ସମାଜକୁ ଏକ ନୂତନ ଦିଗ'ରେ ପରିଚାଳିତ କରିପାରିବ ଯାହାର ବ୍ୟାପ୍ତ ପରିସର ସମଗ୍ର ବିଶ୍ୱବାସୀଙ୍କୁ ଭାତୃଭାବ ସମ୍ପନ୍ନ ଏକ ମଣିଷ ସମାଜ ଗଠନ ଦିଗରେ ସହାୟକ ହୋଇ ପାରିବ । ଅତଏବ ସବୁ ବର୍ଗର ସାଧାରଣ ମଣିଷକୁ ଶିକ୍ଷା ସ୍ତରରୁ ବୈସୟୀକ ପାର୍ଥିବ ଶିକ୍ଷା ସହିତ ପ୍ରକୃତ ସନାତନ ଧର୍ମର ଶିକ୍ଷା ଯୋଡ଼ିଦେଇ ପ୍ରଦାନ କରାଯିବା ବ୍ୟବସ୍ଥା ଅତ୍ୟନ୍ତ ବାଞ୍ଛନୀୟ ।

ଅନ୍ୟାନ୍ୟ ସମ୍ପ୍ରଦାୟ ବ୍ୟତୀତ କେବଳ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ଗୋଟିଏ ଦୁଇଟି ନୁହେଁ ବରଂ ହଜାର ହଜାର ହିନ୍ଦୁ ମଧ୍ୟ ସନାତନ ଧର୍ମକୁ ଘୃଣା କରୁଥିବା ଦେଖିବାକୁ ମିଳୁଛି ଆଜି ସମୟରେ ! ତାହାର ପ୍ରକୃତ କାରଣ ଏହା, ଯେ ଯେହେତୁ ସନାତନ ଧର୍ମର ବାସ୍ତବ ଚରିତ୍ର ଗୁଡିକ ଆଜି ଆଉ ନାହିଁ ଆମ ସମାଜରେ ଏବଂ ତଥାକଥିତ ଅନ୍ୟାନ୍ୟ ଗ୍ରଂଥ ଗୁଡିକରେ ବର୍ଣ୍ଣିତ ଅଯୌକ୍ତିକ, ଅଲୌକିକ, ଅମାନବୀୟ ଚି'ନ ଗୁଡିକୁ ସନାତନ ଧର୍ମ ବୋଲି ପ୍ରଚାର ପ୍ରସାର ଚାଲିଛି ଆଜି ସମୟରେ । କେତେକ ନିରୋଳ ସ୍ୱଚ୍ଛ ଉଦରବାଦୀ ହିନ୍ଦୁ ମଧ୍ୟ ସେହି କାରଣରୁ ଅଯଥାରେ ସନାତନ ଧର୍ମକୁ ନିନ୍ଦା କରୁଥିବା ଅତ୍ୟ' ଦୁଃଖ ଓ କ୍ଷୋଭର ବିଷୟ । କାରଣ ସେମାନେ ତାହାର ତାତ୍ତ୍ୱିକ ବିଷୟ ତଥା ବିଜ୍ଞାନ ସମ୍ମତ ବାସ୍ତବବାଦୀ ମାନବିକ ଚରିତ୍ର ଗୁଡିକ ଉପରେ ଅବଗତ ନାହାଁ', ବରଂ ସମୟ ସାପେକ୍ଷ ମିଥ୍ୟା ପ୍ରଚାର ଗୁଡିକୁ ଶୁଣି ତାହା ସନାତନ ଧର୍ମ ଏବଂ ସେଗୁଡିକ ଗ୍ରହଣୀୟ ନୁହେଁ ବୋଲି ବିଚାରି ତାକୁ ବିରୋଦ୍ଧ କରୁଛଁ । ତେଣୁ ସେମାନେ ମଧ୍ୟ ସନାତନ ଧର୍ମର ବାସ୍ତବତା ତଥା ପ୍ରକୃତ ସନାତନ ଧର୍ମକୁ ନଜାଣି ସମୟ ସାପେକ୍ଷ ପ୍ରଚାର ଜନିତ ପ୍ରରୋଚନାରେ ନପଡ଼ି ସନାତନ ଧର୍ମର ପ୍ରକୃତ ବିଜ୍ଞାନ ସମ୍ମତ ତତ୍ତ୍ୱ, ତଥ୍ୟ ଗୁଡିକୁ ଜାଣିବାକୁ ଚେଷ୍ଟା କରିବା ଅତ୍ୟ' ଜରୁରି । ବାସ୍ତବିକ ପ୍ରକୃତ ସନାତନ ତାତ୍ତ୍ୱିକ ଜ୍ଞାନ ଗୁଡିକୁ ଅନୁଶୀଳନ କଲେ ସେମାନେ ମଧ୍ୟ ବୁଝିପାରିବେ ଯେ ଏହା ହେଉଛି ପୃଥିବୀର ସର୍ବ ପୁରାତନ, ସର୍ବୋଚ୍ଚ ଏବଂ ସର୍ବଶେଷ ଧର୍ମ ଯାହା ଅନ୍ୟାନ୍ୟ କୌଣସି ସଂପ୍ରଦାୟରେ ଦେଖିବାକୁ ମିଳିବ ନାହିଁ ! ଏବଂ ତାହା ସମ୍ପୂର୍ଣ୍ଣ ଭାବେ ବିଜ୍ଞାନ ସମ୍ମତ ଚେତନାଯୁକ୍ତ ମାନବିକ ଚରିତ୍ର ଗୁଡିକ ଉପରେ ଆଧାରିତ ସର୍ବଜନ ଗ୍ରହଣୀୟ ପାଣ୍ଡୁଲିପି ମାତ୍ର ।

(କ୍ରମଶଃ)

✷

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ୍-ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

# ବରଷକେ ଥରେ ଆସୁଛି ରଜ

## ଉଗ୍ର ଆଧୁନିକତା ପାଇଁ ବିଲୁପ୍ତ ହେବାରେ ଲାଗିଛି ଆମ ପରମ୍ପରା, ପରବରାଣୀ ରଜ ଉତ୍ସବର ପୂର୍ବ ମହକ ଆଉ ନାହିଁ

ଉଗ୍ର ପାସ୍ୟାତ ସଭ୍ୟତା ଓ ଆଧୁନୀକ ଚାକଚକ୍ୟତାର କୁ ପ୍ରଭାବ ଯୋଗୁଁ ଗ୍ରାମାଂଚଳମାନଙ୍କରେ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ରଜପର୍ବ ସ୍ୱତନ୍ତ୍ରତା ହରାଇଥିବା ବେଳେ ଓଡ଼ିଆ ସଂସ୍କୃତି ଓ ପରଂପରାର ପରିଚୟ ବହନ କରିଥିବା ପରବ ରାଣୀ ରଜ ଉତ୍ସବ ଉଶୃଙ୍ଖଳିତ ଆଧୁନିକ ସଭ୍ୟତାର ତାଡ଼ନାରେ ଜନମାନସରୁ ହଜିଯିବାକୁ ବସିଲାଣି । ତିନିଦିନ ବ୍ୟାପି ରଜ ମଉଜର ପୂର୍ବ ମହକ ଆଉ ଦେଖିବାକୁ ମିଳୁ ନାହିଁ । ପଲ୍ଲୀ ପ୍ରକୃତି କୋଳରେ ରଜଦୋଳି ଖେଳିବାକୁ ଆଉ ନାହିଁ ବଡ଼ ବଡ଼ ବୃକ୍ଷରାଜି । ରଜ ପାନ, ପୋଡ଼ପିଠା ଓ ମୁଢ଼ି ନଡ଼ିଆ ଦିଅନିଆର ହୃଦୟ ଭରା ସ୍ନେହ ମମତାର ସ୍ପୃହା ମଧ୍ୟ ପୂର୍ବପରି ଆଉ ଦେଖିବାକୁ ମିଳୁ ନାହିଁ ।

ଓଡିଆମାନେ ପାଳନ କରୁଥିବା ବିଭିନ୍ନ ପର୍ବ ପର୍ବାଣୀ ମାନଙ୍କ ମଧ୍ୟରେ ରଜପର୍ବ ଅନ୍ୟତମ । ଓଡିଶାରେ ପାଳନ କରାଯାଉଥିବା ସମସ୍ତ ପର୍ବ ପର୍ବାଣୀଗୁଡ଼ିକରେ ଦେବାଦେବୀ ମାନଙ୍କୁ ପୂଜା କରୁଥିବା ବେଳେ ରଜ ପର୍ବ ଏକ ବ୍ୟତିକ୍ରମ । ଏହି ପର୍ବ ମାଟି ମାର ବିଶ୍ରାମ ପର୍ବ ବୋଲି ସୂଚାଇଥାଏ । ରଜରେ ଗାଁ ଦାଣ୍ଡରେ କବାଡ଼ି, ତାସ, ଲୁଡୁ, ଦୋଳି, ପୁଚି ଇତ୍ୟାଦି ବିଭିନ୍ନ ପ୍ରକାର ଖେଳ ସହିତ ଘରେ ଘରେ ପ୍ରସ୍ତୁତ ହୋଇଥାଏ ପୋଡ଼ପିଠା ଏହି ଅବସରରେ ଓଡ଼ିଆଙ୍କ ମନରେ ଖେଳିଯାଇଥାଏ ଆନନ୍ଦର ଲହରୀ । ଏହି ପର୍ବ ଝିଅ ଓ ବୋହୂ ମାନଙ୍କର ଏକ ମୁଖ୍ୟ ପର୍ବ ହୋଇଥିବାବେଳେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ନିଛକ ପ୍ରତିଛବି ରଜ ପର୍ବ । ଉଗ୍ର ଆଧୁନିକତାର ପ୍ରଭାବରେ ଓଡ଼ିଆମାନଙ୍କର ଏହି ପୁରାତନ ପରମ୍ପରା ଓ ସଂସ୍କୃତିଗୁଡ଼ିକ ଜନମାନସରୁ ବିଲୁପ୍ତ ହେବାକୁ ବସିଲାଣି । ଆଜିର ଅଧୁନିକ ମାନବ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇ ଥିବାରୁ ଉତ୍କଳ ବାସୀଙ୍କ ୧୨ମାସରେ ୧୩ ପର୍ବ ଆଉ ଦେଖିବାକୁ ମିଳୁନି । ଓଡ଼ିଆ ମାନଙ୍କର ମୁଖ୍ୟ ଆକର୍ଷଣ ପରବ ରାଣୀ ରଜରେ ଆଉ ପୂର୍ବ ମହକ ନ ଥିବା ପରି ମନେ ହୁଏ । ପରବ ରାଣି ରଜ ୩ ଦିନ ଧରି ପାଳନ କରାଯାଇଥାଏ ଆଷାଢ଼ ମାସର ସଂକ୍ରାନ୍ତି ଆଗ ଦିନଠାରୁ ରଜପର୍ବ ପାଳନ କରାଯାଇଥାଏ । ପ୍ରଥମ ଦିବସକୁ ପହିଲି ରଜ, ଦ୍ୱିତୀୟ ଦିବସକୁ ରଜ ସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମିଦହନ ଦିବସ ଭାବରେ ପାଳନ କରାଯାଇଥାଏ । ଝିଅ ବୋହୂମାନେ ନୂତନ ବସ୍ତ୍ର ପରିଧାନ କରି ଗାଁ ମଧ୍ୟରେ ଥିବା ବଡ଼ ବଡ଼ ବୃକ୍ଷମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜ ଦୋଳି ଗୀତ ବୋଲନ୍ତି 'ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ ..... ବିଭିନ୍ନ ପ୍ରକାର ଗୀତ ଓ ପିଠା, ରଜପାନ, ମୁଢ଼ି ଦିଆ ନିଆ ହୋଇ ବନ୍ଧୁତାକୁ ସୁଦୃଢ଼ କରିଥାନ୍ତି । ଗ୍ରୀଷ୍ମ ଋତୁର ଶେଷାର୍ଦ୍ଧରେ ଋତୁମତୀ ବସୁମତୀ ପୁଲକିତ ମନରେ ଅପେକ୍ଷା କରିଥାଏ ନବ ଆଷାଢ଼ର ପହିଲି ବର୍ଷାବିନ୍ଦୁର ସ୍ପର୍ଶାନୁଭୂତିକୁ । ଓଡ଼ିଆ ପୁଅ ନୂତନ ବର୍ଷର ଫସଲ ଚାଷ ପାଇଁ ପ୍ରସ୍ତୁତ ହେଉଥାଏ । ଏହି ଅବସରରେ ୩ଦିନ ବ୍ୟାପି ପାଳିତ ହୁଏ ପରବ ରାଣୀ ରଜପର୍ବ । ପହିଲି ରଜ, ରଜ ସଂକ୍ରାନ୍ତି ଓ ଭୂମିପୂଜା । ଓଡ଼ିଆଣି ବସୁମତୀ ପୂଜା କରି ଆଗାମୀ ବର୍ଷରେ ଭଲ ଫସଲ ଅମଳପାଇଁ ଶୁଭ ମନାସେ । ରଜରେ ଝିଅବୋହୂମାନେ ନୂଆଲୁଗା ପିନ୍ଧି, ନିଜ ହାତରେ ପ୍ରସ୍ତୁତ ପୋଡ଼ପିଠା, ମୁଣ୍ଡିନଡ଼ିଆ ଓ ରଜପାନ ନିଜେ ଖାଇ ସାହି ପଡ଼ିଶା ଓ ବନ୍ଧୁବାନ୍ଧବଙ୍କୁ ଆନନ୍ଦ ମନରେ ବିତରଣ କରିଥାନ୍ତି । ଏହାଦ୍ୱାରା ପାରସ୍ପରିକ ସୁସଂପର୍କ ଓ ଭ୍ରାତୃଭାବ ଦୃଢ଼ୀଭୂତ ହୋଇଥାଏ । ଏହି ରଜପର୍ବ ଅବସରରେ ଝିଅ ଓ ବୋହୂମାନେ ୩ଦିନ ଧରୀ ମୌଜ ମସ୍ତି କରିଥାନ୍ତି । ଏହି ପର୍ବ ପାଳନର ଅନ୍ତରାଳରେ ଓଡ଼ିଆ ନାରୀର ସ୍ୱାଭିମାନ, ଅଧିକାର ତଥା ସମ୍ମାନ ଏବଂ ପ୍ରକୃତି ତଥା ପରିବେଶ ସୁରକ୍ଷାର ପ୍ରଶ୍ନ ଜଡ଼ିତ ଥାଏ । ପରବ ରାଣୀ ରଜ ପର୍ବର ହଜିଲା ସ୍ମୃତିକୁ ଉଜ୍ଜୀବିତ କରିବାର ମହତ ଉଦ୍ଦେଶ୍ୟ ନେଇ ଗତ ୨୦୦୦ ମସିହାରୁ ଏଯାବତ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ପକ୍ଷରୁ ୨୪ ବର୍ଷ ଧରି ପାଳନ କରାଯାଇ ଆସୁଅଛି ରଜ ଉତ୍ସବ । ଅର୍କକ୍ଷେତ୍ର କୋଣାର୍କର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିରର ପଶ୍ଚିମ ଦିଗରେ ପିପିଲି-କୋଣାର୍କ ମୁଖ୍ୟ ରାସ୍ତାଠାରୁ ୭୦୦ମିଟର ଦୂରରେ ରିହିଛି ମା' ଭବତୀଙ୍କ ପୀଠ । ଅଭୟାରଣ୍ୟ ପରିବେଷ୍ଟିତ ମା' ଭଗବତୀଙ୍କ ପୀଠର ପ୍ରକୃତିକ ଶୋଭା ଅତୀବ ମନୋରମ । ରାଜା ଲାଙ୍ଗୁଳା ନରସିଂହଦେବଙ୍କ ପାଟମନ୍ତ୍ରୀ ତଥା ସୂର୍ଯ୍ୟମନ୍ଦିର ନିର୍ମାଣର ମୁଖ୍ୟଯନ୍ତ୍ରୀ ଶିବେଇ ସାମନ୍ତରାୟଙ୍କୁ ମାଣ୍ଡିଆ ଜାଉ ଖାଇବାକୁ ଦେବା ସମୟରେ ସୂର୍ଯ୍ୟମନ୍ଦିରର ମୂଳଦୁଆ ନିର୍ମାଣର କୌଶଳ ବତାଇ ଦେଇଥିବା ଅଖ୍ୟାତ ପଲ୍ଲୀର ବୃଦ୍ଧା କାହିଁ କେଉଁ କାଳରୁ ମା ଭଗବତୀରୂପେ ପୂଜା ପାଇ ଆସୁଛନ୍ତି । ମା ଭଗବତୀଙ୍କ ପୀଠର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ । ମା'ଙ୍କ ବିଜେସ୍ଥଳୀ ସମ୍ମୁଖରେ ରହିଛି ବିଶାଳ ବଟବୃକ୍ଷ ମାନ । ବର୍ଷସାରା ମା'ଙ୍କ ପୀଠକୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ବିଶେଷତଃ ବଣଭୋଜି, ବିବାହ, ନିର୍ବନ୍ଧ, ସଭାସମିତି ଦଳଙ୍କ ଭିଡ଼ ସବୁବେଳେ ଲାଗିରହିଥାଏ । ଏପରି ଏକ ପ୍ରାକୃତିକ ଶୋଭା ପରିପୂର୍ଣ୍ଣ ପବିତ୍ର ପୀଠରେ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ହୋଇ ଆସୁଛି ରଜପର୍ବର ମହାର୍ଘ ଆସର । ରଜ ତିନିଦିନଧରି ମା'ଭଗବତୀଙ୍କ ପୀଠକୁ ପୁରୀ, କୋଣାର୍କ, ଗୋପ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ ଓ ନିଆଳି ସମେତ ଓଡ଼ିଶାର କୋଣ ଅନୁକୋଣରୁ ଆବାଳବୃଦ୍ଧବନିତାଙ୍କ ସୁଅ ଛୁଟେ । ଏତଦବ୍ୟତୀତ ପ୍ରତିବର୍ଷ ଶତାଧିକ ବିଦେଶୀ ପର୍ଯ୍ୟଟକ ଓଡ଼ିଆ ସଂସ୍କୃତିର ଏହି ମୌଳିକ ପରମ୍ପରାକୁ ଉପଭୋଗ କରିଥାନ୍ତି । ସତେ ଯେମିତି ଏହି ଉତ୍ସବକୁ ସମସ୍ତେ ବର୍ଷସାରା ଅନେଇ ବସିଥାନ୍ତି । ଏହି ସମୟରେ କୋଣାର୍କ ହୋଇଉଠେ ଚଳଚଂଚଳ । ଏଥିପାଇଁ ଏକ ମାସ ଧରି ପ୍ରସ୍ତୁତି କାର୍ଯ୍ୟ ଜାରି ରହେ । ଏହି ଅବସରରେ ଉତ୍ସବସ୍ଥଳୀରେ ସମବେତ ମା'ଭଉଣୀମାନଙ୍କ ମଧ୍ୟରେ ହୁଳହୁଳି, କାନ୍ଦଣା, ରଜଗୀତ, ପୋଡ଼ପିଠା, ରଜମୁଢ଼ି, ପାନଭଙ୍ଗୀ, ମେହେନ୍ଦି, ପୁଚି. ଦୋଳି ଖେଳ, ଝୋଟି, ଲୁଡୁ, ତାସ, ଚିତ୍ରାଙ୍କନ ଆଦି ବହୁ ନିଆରା ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ପ୍ରତିଦ୍ୱନ୍ଦୀଙ୍କ ସଂଖ୍ୟା ମଧ୍ୟ ବହୁତ । ପୁରୁଷମାନଙ୍କ ମଧ୍ୟରେ ନଡ଼ିଆ ଲଢ଼େଇ, ତାସ ଖେଳ, ଡୁଡୁ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ଏତଦବ୍ୟତୀତ ସଚେତନତାଧର୍ମୀ ଆଲୋଚନାଚକ୍ର, ମହିଳା ସମାବେଶ, ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ ଦିନତମାମ ଏକ ସୁଶୋଭିତ ମଚଂରେ ମନୋରଞ୍ଜନଧର୍ମୀ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଆବାଳବୃଦ୍ଧବନିତା ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଥାନ୍ତି । ଉତ୍ସବ ସ୍ଥଳୀରେ ଖୋଲିଥାଏ ରଜ ସଜବାଜ, ପୋଡ଼ପିଠା, ମୁଢ଼ି ଓ ବିଭିନ୍ନ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ଷ୍ଟଲ । ଉତ୍ସବସ୍ଥଳୀକୁ ନିମନ୍ତ୍ରୀତ ବିଶିଷ୍ଟ ଅତିଥିମାନଙ୍କୁ ଯୁବତୀମାନେ ଅଳତା, ନେଲପଲିସ, ପାଉଡ଼ର ଆଦି ଲଗାଇ ସଜବାଜ କରିବାପରେ ପୋଡ଼ପିଠା, ମୁଢ଼ି ଓ ରଜପାନ ଦେଇ ଆପ୍ୟାୟିତ କରିଥାନ୍ତି । ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ପରସ୍ପରକୁ ଅଳତା ଲଗାଇ ସଜବାଜ କରିବାର ଆନ୍ତରିକତା ଲାଗିରହେ ଚାରିଦିନ ବ୍ୟାପି । ଅର୍କଶ୍ରୀ ସହଯୋଗରେ ଗଢ଼ି ଉଠିଥିବା ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏହି ଉତ୍ସବକୁ ସଫଳ କରିବାରେ ଆପ୍ରାଣ ଉଦ୍ୟମ କରିଥାନ୍ତି । ମ'ଭଗବତୀଙ୍କ ପୀଠରେ ଥିବା ବିଶାଳକାୟ ବଟବୃକ୍ଷଗୁଡିକରେ ଝୁଲିଥାଏ ଶତାଧିକ ସୁସଜ୍ଜିତ ଦୋଳି । ଏହି ପୀଠରେ ଦୋଳିରେ ଝୁଲିବାର ମଜା ହିଁ ନିଆରା । ଆୟୋଜକଙ୍କ ପକ୍ଷରୁ ମା' ଭଗବତୀଙ୍କ ପୀଠରେ ୧୪ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପି ଆୟୋଜିତ ହୋଇଥାଏ ରଜ ଉତ୍ସବ । ରଜ ଉତ୍ସବର ପ୍ରଥମ ଦିବସକୁ ପହିଲି ରଜ, ଦ୍ୱିତୀୟ ଦିବସକୁ ରଜ ସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମିଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ଗାଧୁଆ ପର୍ବ ରୂପେ ମହାଆଡମ୍ବରରେ ପାଳନ କରାଯାଇଥାଏ । ଚାରିଦିନ ବ୍ୟାପି ନିଜସ୍ୱ ପରମ୍ପରା ଓ ସଂସ୍କୃତିର ମୌଳିକ ଖାଦ୍ୟ, ମନୋରଞ୍ଜନ, ପ୍ରତିଭା ପ୍ରଦର୍ଶନ ଓ ପ୍ରାକୃତିକ ଶୋଭା ଉପଭୋଗର ଅବର୍ଣ୍ଣନୀୟ ଆନନ୍ଦ ଅର୍କଶ୍ରୀ ପକ୍ଷରୁ ଆୟୋଜିତ କୋଣାର୍କ ରଜ ଉତ୍ସବରେ ଓଡ଼ିଆମାନେ ପାଇଥାନ୍ତି । ଚଳିତ ବର୍ଷ ୨୫ ତମ ରଜ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି ।

ଆୟୋଜକଙ୍କ ମୁହଁରୁ :-

ଅର୍କଶ୍ରୀର ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁ କୁହନ୍ତି, "ଏହା କେବଳ ଏକ ଉତ୍ସବ ନୁହେଁ । ମହିଳା ସଶକ୍ତୀକରଣ, ପରିବେଶ ସୁରକ୍ଷା, ସାମାଜିକ ସଚେତନତା ଏବଂ ଉତ୍କଳୀୟ କଳା, ସଂସ୍କୃତି ତଥା ପରମ୍ପରାର ସୁରକ୍ଷା ଦିଗରେ ଏକ ଆନ୍ଦୋଳନ ।"

ଅଜିତ କୁମାର ମଲ୍ଲିକ
କୋଣାର୍କ
ମୋ-୯୨୩୭୫୫୮୮୫୦/ ୭୯୭୮୦୧୧୫୩୮




# ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ ମୋଦୀ ; ଶ୍ରୀମନ୍ଦିର ୪ ଦ୍ୱାର ଦେଇ ପ୍ରବେଶ କରିବେ ଶ୍ରଦ୍ଧାଳୁ !



**ଭୁବନେଶ୍ୱର(ଏନ୍.ଏମ୍.) :** ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲା ବେଳକୁ ବହୁ ସମୟ ଧରି ଲାଇନ୍ରେ ଛିଡ଼ା ହେବାକୁ ପଡୁଛି। ଏପରିକି ଘଣ୍ଟା ଘଣ୍ଟା ଧରି ବଡ଼ଦାଣ୍ଡରେ ଲାଇନ୍ରେ ରହିବାକୁ ପଡୁଛି। ଖୁବ୍ କମ୍ ଦିନରେ ଏଥିରୁ ଆଶ୍ୱସ୍ତି ମିଳିପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତି ଅନୁସାରେ ରାଜ୍ୟରେ ବିଜେପି ସରକାର ଗଢ଼ିଲା ପରେ ଭକ୍ତମାନେ ସିଂହଦ୍ୱାର ସମେତ ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ। ଓଡ଼ିଶା ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି)ର ବିଜୟ ହୋଇଛି। ବିଜେପି ଆସନ୍ତା ୧୦ରେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ। ଏଥି ପାଇଁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ନିର୍ବାଚନ ସମୟରେ ୪ଥର ଓଡ଼ିଶା ଗସ୍ତରେ ଆସିଥିଲେ। ସେ ଭୁବନେଶ୍ୱର, ପୁରୀ ଓ ଦେବଗଡ଼ରେ ରୋଡ ସୋ' କରିଥିଲେ। ବ୍ରହ୍ମପୁର, ନବରଙ୍ଗପୁର, ବଲାଙ୍ଗୀର, ବରଗଡ଼, ଅନୁଗୁଳ, କଟକ, ବାରିପଦା, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିଥିଲେ। ସାଧାରଣ ଜନତାଙ୍କୁ ସେ କହିଥିଲେ, ଓଡ଼ିଶାରେ ବିଜେପି ସରକାର ଗଢ଼ିଲେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯିବ ଓ ରତ୍ନଭଣ୍ଡାର ଖୋଲାଯିବ। ମୋଦୀଙ୍କ ପ୍ରତିଶ୍ରୁତି ଅନୁସାରେ ସରକାର ଗଠନର ପ୍ରଥମ ଦିନର ୨୪ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯିବ।

# ପରାଜିତ ପ୍ରାର୍ଥୀଙ୍କୁ ନେଇ ନବୀନ ନିବାସରେ ସମୀକ୍ଷା ବୈଠକ

**ଭୁବନେଶ୍ୱର(ଏନ୍.ଏମ୍.) :** ସାଧାରଣ ନିର୍ବାଚନ-୨୦୨୪ରେ ବିଜୁ ଜନତା ଦଳ (ବିଜେଡି)ର ବିପର୍ଯ୍ୟୟ ପରେ ଗୁରୁବାର ପରାଜିତ ପ୍ରାର୍ଥୀମାନଙ୍କୁ ନେଇ ନବୀନ ନିବାସରେ ସମୀକ୍ଷା ବୈଠକ ହୋଇଛି। ଏହି ବୈଠକରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଫୁଲବାଣୀ ବିଧାନସଭା ଆସନରୁ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ସହିତ ଅନ୍ୟ ପରାଜିତ ବିଧାୟକ ଓ ସାଂସଦ ପ୍ରାର୍ଥୀ ଯୋଗଦେଇଛନ୍ତି। ଗୋପବନ୍ଧୁ ଦାସ, ରବୀନ୍ଦ୍ର ଜେନା, କୌଶଲ୍ୟା ପ୍ରଧାନ, ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ରୋହିତ ପୂଜାରୀ, ପ୍ରିତିରଞ୍ଜନ ଘଡାଇ, ପଦ୍ମନାଭ ବେହେରା, ବିଷ୍ଣୁବ୍ରତ ରାଉତରାୟ, ବିକ୍ରମ କେଶରୀ ଆରୁଖ, ଶ୍ରୀକାନ୍ତ ସାହୁ, ପ୍ରଭୁ ଜାନି, ବିକ୍ରମ ପଣ୍ଡା,



ସୁବାସ ବେହେରା, ଅଶୋକ ପଣ୍ଡା, ସୁଶାନ୍ତ ବେହେରା ପ୍ରମୁଖ ବୈଠକରେ ଯୋଗଦେଇଛନ୍ତି। ସେହିପରି ପରାଜିତ ସାଂସଦ ପ୍ରାର୍ଥୀମାନେ ମଧ୍ୟ ନବୀନ ନିବାସରେ ଆୟୋଜିତ ବୈଠକରେ ଯୋଗ ଦେଇଛନ୍ତି। ସେମାନେ ହେଲେ ରଞ୍ଜିତା ସାହୁ, ମନ୍ମଥ ରାଉତରାୟ, ପ୍ରଣବ ପ୍ରକାଶ ଦାସ, ଅବିନାଶ ସାମଲ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପ୍ରଦୀପ ମାଝୀ, ମଞ୍ଜୁଲତା ମଣ୍ଡଳ, ଲେଖାଶ୍ରୀ ସାମନ୍ତସିଂହାର ନବୀନ ନିବାସରେ ଆୟୋଜିତ ବୈଠକରେ ପହଞ୍ଚିଥିଲେ।

# ବ୍ରହ୍ମପୁର, ଆସିକା ସଂସଦୀୟ କ୍ଷେତ୍ର ଫଳାଫଳ: ପ୍ରଦୀପଙ୍କ ଭୋଟ୍ହାର ୪୯.୨ ପ୍ରତିଶତ, ଅନିତା ପାଇଲେ ୪୮.୫୫ ପ୍ରତିଶତ

**ବ୍ରହ୍ମପୁର (ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲାରେ ଚଳିତ ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଏକ ବଡ଼ଧରଣର ପରିବର୍ତ୍ତନ ଆଣିଛି। ବିଜେପି ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୧ଟି ଆସନ କବ୍ଜା କରିଥିବା ବେଳେ ଜିଲ୍ଲାର ଦୁଇଟି ଲୋକସଭା ଆସନ ମଧ୍ୟ ଦଖଲ କରିଛି। ବ୍ରହ୍ମପୁର ଲୋକସଭା ଆସନରୁ ବିଜୟୀ ହୋଇଥିବା ବିଜେପି ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରାୟ ୫ଲକ୍ଷ ୧୩ହଜାର ୧୦୨ ଭୋଟ୍ ପାଇଛନ୍ତି। ତାଙ୍କର ବିଜୟ ବ୍ୟବଧାନ ୧ଲକ୍ଷ ୬୫ହଜାର ୪୭୪ ରହିଛି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ୩ଲକ୍ଷ ୪୭ହଜାର ୬୨୬ ଭୋଟ୍ ପାଇଛନ୍ତି। ସେହିପରି ଆସିକା ଲୋକସଭା ବିଜେପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ ୪ଲକ୍ଷ ୯୪ହଜାର ୨୨୬ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ସେ ୯୯ହଜାର ୯୭୪ ଭୋଟ୍ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ସେହିପରି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରଂଜିତା ସାହୁ ୩ଲକ୍ଷ ୯୪ହଜାର ୨୫୨ ଖଣ୍ଡ ଭୋଟ୍ ପାଇଛନ୍ତି। ବ୍ରହ୍ମପୁର ଲୋକସଭା କ୍ଷେତ୍ର ପାଇଁ ସାଂସଦ ପ୍ରାର୍ଥୀଙ୍କ ନିମନ୍ତେ ୭ଟି ବିଧାନସଭା ନିର୍ବାଚମଣ୍ଡଳୀରେ ପୋଷ୍ଟାଲ୍ ଭୋଟ୍କୁ ମିଶାଇ ୧୦ଲକ୍ଷ ୪୨ହଜାର ୯୨୩ ଖଣ୍ଡ ଭୋଟ୍ ପଡ଼ିଛି। ତନ୍ମଧ୍ୟରୁ ୧୫ହଜାର ୯୪୨ (୧.୫୩ ପ୍ରତିଶତ) ଖଣ୍ଡ ଭୋଟ୍ ନୋଟାରେ ପଡ଼ିଛି। ମୋଟ ଭୋଟ୍ ମଧ୍ୟରୁ ବିଜେପି ପ୍ରାର୍ଥୀ ପ୍ରଦୀପ ୪୯.୨ ପ୍ରତିଶତ



ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଭୃଗୁ ୩୩.୩୩ ପ୍ରତିଶତ ଭୋଟ୍ ପାଇଥିବା ଭାରତ ନିର୍ବାଚନ କମିସନ୍ଙ୍କ ୱେବ୍ସାଇଟ୍ ତଥ୍ୟରୁ ସ୍ପଷ୍ଟ ହୋଇଛି। ତେବେ ବିଜେପି ପ୍ରାର୍ଥୀ ପ୍ରଦୀପଙ୍କୁ ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାୟ ୮୧ହଜାର ୬୮୮ ଭୋଟ୍ ମିଳିଥିବା ବେଳେ ଗୋପାଳପୁରରୁ ୭୮ହଜାର ୯୯୯, ବ୍ରହ୍ମପୁରରୁ ୭୯ହଜାର ୮୩୮, ଦିଗପହଣ୍ଡିରୁ ୭୭ହଜାର ୯୪୭ ଓ ଚିକିଟିରୁ ପ୍ରାୟ ୫୬ହଜାର ୩୬୧(୧୮ରାଉଣ୍ଡରୁ ୧୩ ରାଉଣ୍ଡ ସୁଦ୍ଧା) ଭୋଟ୍ ପାଇଛନ୍ତି। ସେହିପରି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବିଧାନସଭାରୁ ପ୍ରଦୀପ ୫୪ହଜାର ୭୬୮ ଭୋଟ୍ ପାଇଥିବା ବେଳେ ମୋହନାରୁ ୬୫ହଜାର ୪୩୯ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିଭଳି ଆସିକା ଲୋକସଭା କ୍ଷେତ୍ରରେ ସାଂସଦ ପ୍ରାର୍ଥୀଙ୍କ ପାଇଁ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ୍ ଭୋଟ୍କୁ ମିଶାଇ ୧୦ଲକ୍ଷ ୧୭ହଜାର ୯୧୪ଖଣ୍ଡ ଭୋଟ୍ ପଡ଼ିଛି। ତନ୍ମଧ୍ୟରୁ ନୋଟାରେ ୨୧ହଜାର ୯୪୧ (୨.୧୬ପ୍ରତିଶତ) ଖଣ୍ଡ ଭୋଟ୍ ପଡ଼ିଛି। ତେବେ ମୋଟ ଭୋଟ୍ ମଧ୍ୟରୁ ବିଜେପି ପ୍ରାର୍ଥୀ ଅନିତା ୪୮.୫୫ ପ୍ରତିଶତ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରଂଜିତା ୩୮.୭୩ ପ୍ରତିଶତ ଭୋଟ୍ ପାଇଛନ୍ତି। ବିଜେପି ପ୍ରାର୍ଥୀ ଅନିତାଙ୍କୁ ପୋଲସରାରୁ ୮୮ହଜାର ୫୪୯ ଭୋଟ୍ ମିଳିଥିବା ବେଳେ ଖଲ୍ଲିକୋଟରୁ ୮୧ହଜାର ୫୫, କବିସୂର୍ଯ୍ୟନଗରରୁ ୭୪ ହଜାର ୪୪୦, ହିଂଜିଳିରୁ ୬୭ହଜାର ୭୮ ଓ ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରୁ ୩୪ହଜାର ୮୦୯ ଖଣ୍ଡ ଭୋଟ୍ ମିଳିଥିବା ଜଣାପଡ଼ିଛି। ସେହିପରି ସୋରଡ଼ା ଓ ଆସିକାରୁ କେତେ ଭୋଟ୍ ପାଇଛନ୍ତି, ସେହି ତଥ୍ୟ ହସ୍ତଗତ ହୋଇ ନାହିଁ।


# ବିଜେପିରେ ସାମିଲ ହେଲେ ଧର୍ମଶାଳାର ବିଜୟୀ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ




**ଭୁବନେଶ୍ୱର(ଏନ୍.ଏମ୍.) :** ବିଜେପିରେ ସାମିଲ ହେଲେ ଧର୍ମଶାଳାରୁ ସ୍ୱାଧୀନ ଭାବେ ଜିତିଥିବା ହିମାଂଶୁ ଶେଖର ସାହୁ। ଏହାଫଳରେ ବିଜେପିର ବିଧାୟକଙ୍କ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି। ଧର୍ମଶାଳା ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଘର ବାହୁଡ଼ା। ଗତକାଲି ସେ ବିଜୟୀ ହେବା ପରେ ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଥିଲେ। ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ବିଜେପିରେ ସାମିଲ ହୋଇଥିଲେ ହିମାଂଶୁ। କିନ୍ତୁ ତାଙ୍କୁ ବିଜେପି ଟିକେଟ ନମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଦଳ ତାଙ୍କୁ ନିଲମ୍ବନ କରିଥିଲା। ତେବେ ସ୍ୱାଧୀନ ଭାବେ ଲଢ଼ି ବିଜେଡିର ହେଭିୱେଟ ନେତା ପ୍ରଣବ ବଳବନ୍ତରାୟଙ୍କୁ ୪୧୫୦ ଭୋଟରେ ହରାଇଛନ୍ତି ହିମାଂଶୁ। ଆଗକୁ ଦଳ ଭିତରେ ରହି ସେ କାମ କରିବେ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, ମୁଁ ବିଜେପିରେ ଥିଲି, ରହିଛି ଓ ରହିବି। ଧର୍ମଶାଳାରେ ମାଫିଆଙ୍କ ସହ ଲଢୁଥିଲି। ଧର୍ମଶାଳାରେ ଧର୍ମର ଲଢେଇ ହୋଇଥିଲା। ଧର୍ମର ଜୟ ହୋଇଛି।

# ଜନାଦେଶ ୨୦୨୪ : ନୋଟାକୁ ୫ ହଜାର

**ଭୁବନେଶ୍ୱର(ଏନ୍.ଏମ୍.) :** ଏଥର ନିର୍ବାଚନରେ ସବୁ ଆକଳନ ଓଲଟପାଲଟ ହୋଇଯାଇଛି। କେଉଁଠି ବିଧାୟକ ଅପ୍ରତ୍ୟାଶିତ ଭାବରେ ବିଜୟ ଲାଭ କରିଥିବା ବେଳେ କେଉଁଠି ବିଧାୟକ ହାରିଯିବା ପରେ ଫଳାଫଳକୁ ବିଶ୍ୱାସ କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଥିବା ୫ଟି ବିଧାନସଭାମଣ୍ଡଳୀ ମଧ୍ୟ, ଏକାମ୍ର, ଉତ୍ତର, ଜଟଣୀ ଓ ଜୟଦେବରେ 'ନୋଟା' କିନ୍ତୁ ତା'ର ସ୍ଥିତି ବଜାୟ ରଖିଛି। ୨୦୧୯ ନିର୍ବାଚନରେ ୫୪୬୬ ଭୋଟ୍ ନୋଟାକୁ ଯାଇଥିବା ବେଳେ ଏଥର ୫୨୪୭ ଜଣ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରି ନୋଟାରେ ଭୋଟ୍ ଦେଇଛନ୍ତି। ୨୦୧୯ ତୁଳନାରେ ଏଥର ନୋଟାକୁ ୨୧୯ ଖଣ୍ଡ ଭୋଟ୍ କମ୍ ଯାଇଛି। ଗୋଟିଏ ପଟେ ମତଦାନ ହାର ବଢ଼ିଥିବା ବେଳେ ନୋଟାରେ ଭୋଟ୍ କମିଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୭ଲକ୍ଷ ୩୯ହଜାର ୪୩୫ ମତଦାତା ସେମାନଙ୍କର ଅଧିକାର ସାବ୍ୟସ୍ତ କରିଥିଲେ। ଏହି ମତଦାନକୁ ହିସାବକୁ ନେଲେ ନୋଟା ଏହାର ୦.୭ ପ୍ରତିଶତ। ଯଦିଓ ନୋଟାର ଏହି ପରିମାଣ କୌଣସି ନିର୍ଣ୍ଣାୟକ ଭୂମିକା ନିଭାଇ ପାରୁନାହିଁ, ତଥାପି କେ ?ଣସି ପ୍ରାର୍ଥୀଙ୍କୁ ୦.୭ ପ୍ରତିଶତ ଭୋଟର ଗ୍ରହଣ କରିପାରି ନାହାନ୍ତି, ଗଣତନ୍ତ୍ରରେ ଇଏ ଖରାପ କଥା। ଗତଥର ଉତ୍ତର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୪୬୭ ଖଣ୍ଡ ଭୋଟ୍ ନୋଟାକୁ ଯାଇଥିଲା।




ତେବେ ଏଥର ଏହି ସଂଖ୍ୟା ୮୬୮ରେ ସୀମିତ ରହିଛି। ଅର୍ଥାତ୍ ପ୍ରାୟ ୬ଶହ ଭୋଟ୍ କମିଛି। ସେହିଭଳି ଜଟଣୀରେ ୧୨୮୬ ଭୋଟ ନୋଟାକୁ ଯାଇଥିବା ବେଳେ ଏଥର ଏହା ୧୪୪୯ରେ ପହଞ୍ଚିଛି। ଅର୍ଥାତ୍ ୧୬୩ ଖଣ୍ଡ ଅଧିକ ଭୋଟ୍ ନୋଟାକୁ ଯାଇଛି। ଜୟଦେବରେ ମଧ୍ୟ ନୋଟା ଭୋଟ୍ ବଢ଼ିଛି। ୨୦୧୯ରେ ଏହି ସଂଖ୍ୟା ୯୬୪ ଥିବା ବେଳେ ଏଥର ୧୨୭୧ରେ ପହଞ୍ଚିଛି। ତେବେ ମଧ୍ୟ ଓ ଏକାମ୍ରରେ ଏହି ଭୋଟ୍ କମିଛି। ଏକାମ୍ରରେ ଗତ ନିର୍ବାଚନରେ ୧୦୦୯ ଓ ଏଥର ୯୭୭ ଏବଂ ମଧ୍ୟରେ ଗତ ଥର ୭୪୦ ଓ ଏଥର ୬୮୨କୁ କମି ଆସିଛି।

# ୨୫ ବର୍ଷ ପରେ ବୀରମିତ୍ରପୁର ଆସନରେ ଖାତା ଖୋଲିଲା ବିଜେଡି

**ରାଉରକେଲା (ଏନ୍.ଏମ୍.) :** ଦୀର୍ଘ ୨୫ ବର୍ଷ ପରେ ବୀରମିତ୍ରପୁର ଆସନରେ ଖାତା ଖୋଲିଛି ବିଜୁ ଜନତା ଦଳ। ଶଙ୍ଖ ଫୁଙ୍କିଛନ୍ତି ଜିଲ୍ଲାର ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କିଙ୍କ ପୁଅ ରୋହିତ ଯୋଶେଫ ତିର୍କି। ବାପାଙ୍କ ସାହାରାରେ ନିର୍ବାଚନ ବେ ?ତରଣୀ ପାର କରିଛନ୍ତି। ବିଜେପିର ପ୍ରଚଣ୍ଡ ଲହର ସତ୍ତ୍ୱେ ସ୍ଥାନୀୟ ବିଧାୟକ ଶଙ୍କର ଓରାମଙ୍କୁ ୬,୮୮୪ ଭୋଟ୍ରେ ହରାଇଛନ୍ତି। ତାଙ୍କୁ ୮୪ ହଜାର ୧୧୬ ଖଣ୍ଡ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଶଙ୍କର ଓରାମ ୭୭ ହଜାର ୨୩୨ ଖଣ୍ଡ ଭୋଟ ପାଇଛନ୍ତି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ନିହାର ସୁରିନଙ୍କ ନାମାଙ୍କନ ନାକଚ ହେବା ପରେ ଦଳର ନେତା ଓ କର୍ମୀମାନେ ଝାଡ଼ଖଣ୍ଡ ପାର୍ଟିର ରେମିସ ଜୋଜୋଙ୍କୁ ସମର୍ଥନ କରିଥିଲେ। ରେମିସ ୮,୮୭୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ



ରହିଛନ୍ତି। ଚତୁର୍ଥ ସ୍ଥାନରେ ରହିଛନ୍ତି ବିଜେଡି ଛାଡି ସ୍ୱାଧୀନ ଭାବେ ଛିଡା ହୋଇଥିବା ଓ କଂଗ୍ରେସ୍ ସମର୍ଥନ କରିଥିବା ରାଜେଶ କେର୍କେଟା। ତାଙ୍କୁ ୪ ହଜାର୯୩୮ ଖଣ୍ଡ ଭୋଟ ମିଳିଛି। ଜର୍ଜ ତିର୍କି କଂଗ୍ରେସରେ ଯୋଗଦେବା ପରେ ୨୦୧୯ରେ ବୀରମିତ୍ରପୁର ଆସନ ପୁଅ ରୋହିତ ପାଇଁ ଛାଡିଥିଲେ। ସେ ନିଜେ ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିଲେ। ହେଲେ ଉଭୟ ବାପପୁଅଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ପରାଜୟ ପରେ ଉଭୟେ କଂଗ୍ରେସ ଛାଡିଥିଲେ। ଜର୍ଜ ସେନା ନାଁରେ ସଙ୍ଗଠନ କରି ବୀରମିତ୍ରପୁର ବିଧାନସଭା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ପୁଅ ରୋହିତକୁ ବିଜେଡିରେ ସାମିଲ କରିବା ସହ ଟିକେଟ୍ ହାତେଇଥିଲେ। ପରେ ନିଜେ ମଧ୍ୟ ସାମିଲ ହୋଇ ବିଜେଡିରେ ଜର୍ଜସେନାର ବିଲୟ କରାଇଥିଲେ। ଜର୍ଜ ଓ ରୋହିତ ବିଜେଡିରେ ସାମିଲ ହେବା ପରେ ଦଳର ଅନେକ ନେତା ଦୂରେଇ ଯାଇଥିଲେ। ନିର୍ବାଚନରେ କାର୍ଯ୍ୟରେ ଅସହଯୋଗ କରିଥିଲେ। ନିହାର ସୁରିନ ବିଜେଡି ଛାଡି ଜେଏମ୍ଏମ୍ ଟିକେଟ୍ରେ ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା। ନିହାରଙ୍କ ପ୍ରାର୍ଥୀପତ୍ର ନାକଚ ହେବା ପରେ ରୋହିତଙ୍କ ବିଜୟ ବାଟ ଖୋଲିଯାଇଥିଲା। ଜେଏମ୍ଏମ୍ର ଅଧିକାଂଶ ନେତା ଓ କର୍ମୀ ରେମିସଙ୍କୁ ସମର୍ଥନ ନ କରି ରୋହିତଙ୍କୁ ସମର୍ଥନ କରିଥିଲେ। ଅନ୍ୟପଟେ ବୀରମିତ୍ରପୁର ଜର୍ଜ ତିର୍କିଙ୍କ ନିଜସ୍ୱ ଭୋଟ୍, ବିଜେଡି ଓ ଜେଏମ୍ଏମ ଭୋଟ ତାଙ୍କ ପୁଅକୁ ବିଜୟୀ କରିବାରେ ବେଶ୍ ସହାୟକ ହୋଇଥିଲା। ଦୀର୍ଘ ୨୫ ବର୍ଷ ପରେ ବୀରମିତ୍ରପୁରରେ ବିଜେଡି ଖାତା ଖୋଲିଥିବାରୁ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ବଢୁଛି ଦାଗୀ ବିଧାୟକଙ୍କ ସଂଖ୍ୟା !

**ଭୁବନେଶ୍ୱର(ଏନ୍.ଏମ୍.) :** ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ବିଜୟୀ ହୋଇ ଆସିଥିବା ପ୍ରାର୍ଥୀଙ୍କ ଭିତରେ କ୍ରମଶଃ ଗୁରୁତର ଅପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ବଢୁଥିବା ଦେଖିବାକୁ ମିଳିଛି। ୨୦୦୯ ପରଠାରୁ ୨୦୨୪ ପର୍ଯ୍ୟନ୍ତ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ, ଗୁରୁତର ମାମଲା ଥିବା ବିଧାୟକଙ୍କ ପ୍ରତିଶତ ୨୧ରୁ ୪୬ ପ୍ରତିଶତକୁ ବଢ଼ିଯାଇଛି। ୫ ବର୍ଷରୁ ଅଧିକ ଦଣ୍ଡ ପାଇବାର ଆଶଙ୍କା ଥିବା ମାମଲାଗୁଡ଼ିକୁ ଗୁରୁତର ଅପରାଧିକ ମାମଲାରେ ରଖିଛି ଏଡିଆର ବା ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ। ସେହିଭଳି ଦିନକୁ ଦିନ କୋଟିପତି ବିଧାୟକଙ୍କ ସଂଖ୍ୟା ବଢୁଛି। ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ କୋଟିପତି ବିଧାୟକଙ୍କ ପ୍ରତିଶତ ୨୨ରୁ



୭୩ରେ ପହଁଚିଛି। ଅର୍ଥାତ୍ ଏବେ ୧୦୦ ଜଣରୁ ୭୩ଜଣ ବିଧାୟକ ହେଲେ କୋଟିପତି। ଏହାସତ୍ତ୍ୱେ ଏଥର ନିର୍ବାଚନରେ ସବୁଠାରୁ କମ୍ ସମ୍ପତ୍ତି ଥିବା ସଂଜଳି ମୁର୍ମୁ ବିଧାୟିକା ଭାବେ ଜିତିଛନ୍ତି। ସଂଜଳି ମୁର୍ମୁ ହେଉଛନ୍ତି ମୟୂରଭଞ୍ଜ ବାଙ୍ଗିରିପୋଷିର ବିଜେପି ପ୍ରାର୍ଥୀ। ତାଙ୍କ ପାଖରେ ମାତ୍ର ୩୫ ହଜାର ଟଙ୍କାର ସମ୍ପତ୍ତି ଥିବା ସେ ଦର୍ଶାଇଛନ୍ତି। ସେହିଭଳି ମାଲକାନଗିରି ଚିତ୍ରକୋଣ୍ଡାରୁ କଂଗ୍ରେସ ପ୍ରାର୍ଥୀ ମଙ୍ଗୁ ଖିଲଙ୍କ ପାଖରେ ମାତ୍ର ୧ ଲକ୍ଷ ଟଙ୍କା ସମ୍ପତ୍ତି ଥିବାବେଳେ କୋରାପୁଟ ଲକ୍ଷ୍ମୀପୁରର କଂଗ୍ରେସ ପ୍ରାର୍ଥୀ ପବିତ୍ର ସାଉନ୍ତଙ୍କ ପାଖରେ ମାତ୍ର ୨ ଲକ୍ଷ ଟଙ୍କା ସମ୍ପତ୍ତି ରହିଛି। ସବୁଠାରୁ ଅଧିକ ସମ୍ପତ୍ତି ଥିବା ପ୍ରାର୍ଥୀ ଭାବରେ ବିଜୟୀ ହୋଇଛନ୍ତି- କେନ୍ଦୁଝର ଜିଲ୍ଲା ଚମ୍ପୁଆରୁ ବିଜେଡିର ସନାତନ ମହାକୁଡ। ତାଙ୍କ ପାଖରେ ୨୨୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦ୍ୱିତୀୟ ସର୍ବାଧିକ ଧନୀ ପ୍ରାର୍ଥୀ ହେଲେ ବାଲେଶ୍ୱର ବସ୍ତାର ବିଜେଡି ପ୍ରାର୍ଥୀ ସୁବାସିନୀ ଜେନା। ତାଙ୍କ ପାଖରେ ୧୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ତୃତୀୟ ସ୍ଥାନରେ ଅଛନ୍ତି ବଲାଙ୍ଗୀରର ବିଜେଡି ପ୍ରାର୍ଥୀ କଳିକେଶ ସିଂହଦେଓ। ତାଙ୍କ ପାଖରେ ୭୩ କୋଟିର ସମ୍ପତ୍ତି ରହିଛି। ଏଥର ବିଧାନସଭାକୁ ମହିଳା ବିଧାୟକଙ୍କ ଆସିବା ସଂଖ୍ୟା କମିଯାଇଛି। ୨୦୧୯ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ୧୩ଜଣ ମହିଳା ବିଧାୟକ ଆସିଥିବାବେଳେ ଏଥର ୧୧ ଜଣ ମହିଳା ବିଧାୟକ ଆସିଛନ୍ତି। ସବୁଠାରୁ କମ ବୟସରେ ଅର୍ଥାତ୍ ମାତ୍ର ୨୬ ବର୍ଷ ବୟସରେ ଉପାସନା ମହାପାତ୍ର ପୁରୀ ବ୍ରହ୍ମଗିରିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ସବୁଠାରୁ ଅଧିକ ୮୦ ବର୍ଷରେ କେନ୍ଦୁଝର ଘଷିପୁରାରୁ ବଦ୍ରି ପାତ୍ର ପୁଣି ଥରେ ନିର୍ବାଚିତ ହୋଇଛନ୍ତି।

# ଭୁବନେଶ୍ୱରରେ ରୋଡ୍ ଶୋ' କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ଭୁବନେଶ୍ୱର(ଏନ୍.ଏମ୍.) :** ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଏଥର ଓଡ଼ିଶାରେ ବହୁମତ ପାଇଛି ଭାରତୀ ଜନତା ପାର୍ଟି। ତେବେ ଅଧିକ ସଂଖ୍ୟକ ବିଧାକ ପାଇବା ପରେ ରାଜ୍ୟରେ ସରକାର ଗଢ଼ିବା ପାଇଁ ବିଜେପି ହକଦାର ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କିଏ ହେବେ ଏ ନେଇ ସସପେନ୍ସ ଜାରି ରହିଛି। ତେବେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନାମ ଖୁବ ଶିଘ୍ର ଘୋଷଣା କରାଯିବା ସହ ୧୦ତାରିଖ ବଦଳରେ ୧୨ତାରିଖରେ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ରାଜ୍ୟ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ରାଜଧାନୀ ଭୁବନେଶ୍ୱରରେ ରୋଡ୍ ଶୋ' କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୧୨ ତାରିଖ ବୁଧବାର ସଂଧାରେ ମୋଦି ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି। ଜୟଦେବ ବିହାରରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ରୋଡ୍ ଶୋ' ହେବ। ରୋଡ୍ ଶୋ' କରି ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହକୁ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୧୨ ତାରିଖରେ ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ଶପଥ ଗ୍ରହଣ ଉତ୍ସବ ଜନତା ମୈଦାନରେ ହେବ। ସେଥିପାଇଁ ଜନତା ମୈଦାନରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିରେ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି କମିଶନରେଟ୍ ପୁଲିସ୍।




# ଡ୍ୟାମ୍ ଶୁଖିଲା, ସହର ଶୋଷିଲା



**କେନ୍ଦୁଝର (ଏନ୍.ଏମ୍.):** ତିନିଦିନ ହେବ କେନ୍ଦୁଝର ସହର ଭୋଗୁଛି ଜଳକଷ୍ଟ । ସହରକୁ ପାଣି ଯୋଗାଉଥିବା ବଡ଼ଘାଗରା ଡ୍ୟାମ୍ ଶୁଖି ଯାଇଛି । ଫଳରେ ଶୋଷିଲା ରହିଛି ଅଧା ସହର । ଖରାଦିନ ଆରମ୍ଭରୁ ଜଳକଷ୍ଟ ହୋଇଥିଲା । ବିଭିନ୍ନ ନଈ, ନାଳ କେନାଲ ଶୁଖି ଯାଇଥିବାବେଳେ ଜଳଭଣ୍ଡାର ମଧ୍ୟ ଶୁଖିବା ଆରମ୍ଭ ହୋଇଥିଲା । ତଥାପି ଜଳ ସଙ୍କଟ ଟଳିଯିବ ବୋଲି ଅନୁମାନ କରାଯାଉଥିଲା । ମାତ୍ର ତାହା ହେଲା ନାହିଁ । ବଡ଼ଘଗରା ଡ୍ୟାମ୍ ଉପରେ କେନ୍ଦୁଝର ସହରର ଜଳ ଯୋଗାଣ ବ୍ୟବସ୍ଥା ଯୋଡ଼ିହୋଇ ରହିଛି । ଏହି ଡ୍ୟାମ୍ରୁ ସହରର ଅଧେ ବାସିନ୍ଦା ପାଣି ପାଇଥାନ୍ତି । ତଥ୍ୟ ଅନୁସାରେ, ଏହି ଡ୍ୟାମ୍ର ସଂପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆରଏଲ (ରେଡିୟସ ଲେଭଲ) । ଏପ୍ରିଲ୍ ମାସରେ ସାଧାରଣତଃ ଏହି ଡ୍ୟାମ୍ରେ ୧୯୩୨ ଆରଏଲ ଜଳ ରହିବା କଥା । ତେବେ, ଡ୍ୟାମରେ ୧୯୨୬ ଆରଏଲ ରହିଥିଲା । ମେ ମାସରେ ଏହା ସଂପୂର୍ଣ୍ଣ ନିମ୍ନସ୍ତରରେ ପହଞ୍ଚିଥିଲା ବେଳେ ଜୁନ୍ ମାସରେ ଏହା ସଂପୂର୍ଣ୍ଣ ଶୁଖି ଯାଇଛି । କେନ୍ଦୁଝର ସହରକୁ ପାଣି ଯୋଗାଉଥିବା ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ବଡ଼ଘାଗରା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୬୦ ଲକ୍ଷ ଲିଟର ଜଳ ଯୋଗାଣ ହୋଇଥାଏ । ଜଳସ୍ତର କମିଯିବା କାରଣରୁ ଗତ ଏପ୍ରିଲ୍ ମାସରେ ପ୍ରାୟ ୧୦ ଲକ୍ଷ ଲିଟର କମ୍ ପାଣି ଏହି ଜଳଭଣ୍ଡାରରୁ ଆସୁଛି । ଅର୍ଥାତ୍ ପ୍ରତିଦିନ ୬୦ ଲକ୍ଷ ଲିଟର ବଦଳରେ ୫୦ ଲକ୍ଷ ଲିଟର ପାଣି ସହରକୁ ଯୋଗାଣ ହେଉଥିଲା । ସେମିତି ମେ ମାସରେ ଆହୁରି କମିଗଲା । ଜୁନ୍ ମାସରେ ଗତ ତିନିଦିନଧରି ସହରକୁ ଜଳ ଯୋଗାଣ ବନ୍ଦ ହୋଇଗଲା । ଅପରପକ୍ଷରେ ଅତି ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ୍ ଷ୍ଟୋରେଜକୁ ବ୍ୟବହାର କରାଯାଏ । ସେଥିପାଇଁ ମଧ୍ୟ ଏହି ଜନସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି କରିଥିଲା । ଚାରୋଟି ବଡ଼ବଡ଼ ପମ୍ପସେଟ ଦ୍ୱାରା ପମ୍ପିଂ କରି ପାଣି ଉଠାଇବାର ବ୍ୟବସ୍ଥା କରିଥିଲେ ବି ପାଣି ନ ଥିବାରୁ ତାହା ସମ୍ଭବ ହୋଇନାହିଁ । ଖାଲି ଡ୍ୟାମ୍ ନୁହେଁ, ନଦୀନାଳ ଅବସ୍ଥା ମଧ୍ୟ ସମାନ । କେନ୍ଦୁଝରରେ ବୈତରଣୀକୁ ଛାଡ଼ିଦେଲେ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହିଛି ୨୦ରୁ ଊର୍ଦ୍ଧ୍ୱ ଶାଖା ନଈ ଏବଂ ପାହାଡ଼ି ନାଳ । କୁଶେଇ, ମୂଷଳ, କାଣିଝରୀ, ଅରଡ଼େଇ, ସାନମାଛକାନ୍ଦଣା ଭଳି ଏକାଧିକ ପାହାଡ଼ି ନାଳ ଓ ନଈ ଉପରେ ଜିଲ୍ଲାର ହଜାରହଜାର ଜନବସତି ନିର୍ଭର କରିଥାନ୍ତି । ଏହି ସବୁ ପାହାଡି ନଦୀର ଜଳ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ପାଇଁ ବର୍ଷାଦିନ ଛାଡ଼ିଦେଲେ ଖରାଦିନେ ପାଣି ମିଳୁନାହିଁ । ଏହି କାରଣରୁ ଖାଲି କେନ୍ଦୁଝର ସହର ନୁହେଁ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଲାଗି ରହିଛି ।

## ଯବାନଙ୍କ ଶିବିର ଉପରେ ମାଓବାଦୀଙ୍କ ରକେଟ ମାଡ଼



**ମାଲକାନଗିରି (ଏନ୍.ଏମ୍.):** ଯବାନଙ୍କ ଶିବିର ଉପରେ ମାଓବାଦୀଙ୍କ ରକେଟ ମାଡ଼ । ଛତିଶଗଡ଼ର ନାରାୟଣପୁରରୁ ଆସିଛି ଏଭଳି ସାଂଘାତିକ ଚିତ୍ର । ନାରାୟଣପୁର ଜିଲ୍ଲା କୋହକାମେଟା ଥାନା ଇରକଭଟ୍ଟି ଶିବିର ଉପରେ ମାଓବାଦୀମାନେ ଲଗାତାର ଭାବେ ୟୁବିଜିଏଲ ଫାୟର କରୁଥିବା ଚିତ୍ର ଦେଖିବାକୁ ମିଳିଛି । ମାଓବାଦୀମାନେ ଦେଶୀ ୟୁବିଜିଏଲ ଫାୟାର୍ କରୁଛନ୍ତି, ଠିକ୍ ସେତିକି ବେଳେ ଜଣେ ଯବାନ ଦୌଡ଼ି ଯାଉଥିବା ସମୟରେ ଅଳ୍ପକେ ବର୍ତ୍ତି ଯାଇଥିଲେ । ତେବେ ମାଓବାଦୀଙ୍କ ଆକ୍ରମଣକୁ ପ୍ରତିହତ କରି ଲାଲବାହିନୀକୁ ଯବାନମାନେ ଘଉଡ଼ାଇବାରେ ସଫଳ ହୋଇଥିଲେ । ଗତ କିଛି ଦିନ ପୁର୍ବେ ଏଠାରେ ବିଏସ୍ଏଫ୍ ଯବାନଙ୍କ ନୁତନ ଶିବିର ସ୍ଥାପନ ହୋଇଥିଲା ।

# ଏସସିବିରୁ ଡିସଚାର୍ଜ ହେଲେ ଖୋର୍ଦ୍ଧା ନବ ନିର୍ବାଚିତ ବିଧାୟକ ପ୍ରଶାନ୍ତ ଜଗଦେବ



**କଟକ(ଏନ୍.ଏମ୍.):** କଟକ ବଡ଼ ଡାକ୍ତରଖାନା ଏସସିବିରୁ ଆଜି ଭୋରରେ ଡିସଚାର୍ଜ ହୋଇଛନ୍ତି ଖୋର୍ଦ୍ଧାର ନବନିର୍ବାଚିତ ବିଧାୟକ ପ୍ରଶାନ୍ତ ଜଗଦେବ । ୧୧ ଦିନ ପରେ ତାଙ୍କୁ ଡିସଚାର୍ଜ କରାଯାଇଛି । ଗତ ମେ' ୨୯ ତାରିଖରେ ସେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାର ମେଡିସିନ ବିଭାଗରେ ଭର୍ତ୍ତି ହୋଇଥିଲେ । ଇଭିଏମ୍ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଗତ ମେ' ୨୫ ତାରିଖ ବିଳମ୍ବିତ ରାତିରେ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଯାଇଥିଲା । କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ଖୋର୍ଦ୍ଧା ଜେଲ୍କୁ ପଠାଇ ଦିଆଯାଇଥିଲା । ଜେଲରେ ଥିବା ବେଳେ ମେ' ୨୮ ତାରିଖରେ ଅସୁସ୍ଥ ହୋଇପଡ଼ିଥିଲେ ପ୍ରଶାନ୍ତ ଜଗଦେବ । ତେଣୁ ମେ' ୨୯ ତାରିଖ ଭୋରରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାର ମେଡିସିନ୍ ବିଭାଗର ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ତାଙ୍କ ବ୍ଲଡ୍ ପ୍ରେସର ଓ ସୁଗାର ସ୍ତର ବଢ଼ି ଯାଇଥିଲା । ଗତ ମେ' ୩୧ ତାରିଖରେ ପ୍ରଶାନ୍ତ ଜଗଦେବଙ୍କ ଜାମିନ୍ ଆବେଦନ ଖାରଜ ହୋଇଯାଇଥିଲା । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ-୨ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ । ତେବେ ଜାମିନ ପାଇଁ ସେ ପୁଣି ଆବେଦନ କରିଥିଲେ । ଜୁନ୍ ୭ ତାରିଖରେ କୋର୍ଟ ତାଙ୍କୁ ୩ ଦିନ ପାଇଁ ଜାମିନ ପ୍ରଦାନ କରିଥିଲେ । ତାଙ୍କୁ ଜୁନ୍ ୯, ୧୦ ଓ ୧୧ ତାରିଖ ପାଇଁ ଜାମିନ ମିଳିଛି । ଅର୍ଥାତ୍ ଆଜିଠାରୁ ତାଙ୍କ ଜାମିନ ଅବଧି ଆରମ୍ଭ ହେଉଛି । ଆଉ ଆଜି ଭୋରରେ ତାଙ୍କୁ ଏସ୍ସିବିରୁ ଡିସ୍ଚାର୍ଜ କରାଯାଇଛି । ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟରେ ଯଥାକ୍ରମେ ବେଗୁନିଆ ଓ ଚିଲିକାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ପ୍ରଶାନ୍ତ ଜଗଦେବ । ତେବେ ୨୦୨୪ରେ ସେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ ଓ ଖୋର୍ଦ୍ଧା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିଥିଲେ । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁଙ୍କୁ ୮,୫୯୮ ଖଣ୍ଡ ଭୋଟ୍ରେ ପରାସ୍ତ କରିଛନ୍ତି । ପ୍ରଶାନ୍ତ ଜଗଦେବଙ୍କୁ ୮୦ ହଜାର ୫୬୪ ଖଣ୍ଡ ଭୋଟ୍ ମିଳିଥିବା ବେଳେ ରାଜେନ୍ଦ୍ରଙ୍କୁ ୭୧ ହଜାର ୯୬୬ଟି ଭୋଟ୍ ମିଳିଥିଲା ।




**ଦେବଗଡ଼ (ଏନ୍.ଏମ୍.):** ବିଚ୍ ରାସ୍ତାରେ ଯୁବତୀଙ୍କ ବେକ କାଟି ଦେଲା ପ୍ରେମିକ । ପରେ ନିଜ ବେକ କାଟି ଶେଷରେ ଜୀବନ ହାରିଛି । ଦେବଗଡ ସହରର ଗୁରୁସାହିରେ ଆଜି ଏପରି ହୃଦୟବିଦାରକ ଘଟଣା ଘଟିଛି । ମୃତ ପ୍ରେମିକ ହେଉଛି ଗଞ୍ଜାମ ଜିଲ୍ଲାର ଭୁସୁଣ୍ଡା ଅଞ୍ଚଳର ସୀମାଞ୍ଚଳ ସାମଲ(୩୪) । ସୂଚନା ଅନୁଯାୟୀ, ଗତ ୮ତାରିଖ ସନ୍ଧ୍ୟା ସମୟରେ ପୌରାଞ୍ଚଳର ଗୁରୁସାହିର ଜଣେ ଯୁବତୀ ଜଣେ ନାବାଳିକା ସହିତ ଚାଲିଚାଲି ଯାଉଥିଲେ । ଠିକ୍ ସେହି ସମୟରେ ସେଠାରେ ପହଞ୍ଚିଥିଲା ସୀମାଞ୍ଚଳ । ସେଠାରେ ଉଭୟଙ୍କ ମଧ୍ୟରେ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା । ପରେ ସୀମାଞ୍ଚଳ ଏକ ବ୍ଲେଡ୍ରେ ଯୁବତୀଙ୍କ ବେକ କାଟି ଦେଇଥିଲା । ତା'ପରେ ନିଜ ବେକ କାଟି ଦେଇଥିଲା । ଉକ୍ତ ଘଟଣା ଘଟୁଥିବା ଦେଖି ସ୍ଥାନୀୟ ଲୋକେ କିଛି ବୁଝି ପାରିନଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟ ରାସ୍ତାରେ ପଡ଼ିଥିଲେ । ଉଭୟଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ସୀମାଞ୍ଚଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏବେ ମଧ୍ୟ ଯୁବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି । ମେଡ଼ିକାଲ୍ରେ ତାଙ୍କର ଚିକିତ୍ସା ଚାଲିଛି । ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି । ପ୍ରେମ ବ୍ୟାପାରକୁ ନେଇ ଏପରି ଘଟଣା ଘଟିଥିବା ପୁଲିସ୍ ସନ୍ଦେହ କରୁଛି ।

# ବରିଷ୍ଠ ନେତାମାନଙ୍କ ସମ୍ମତିରେ ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଲେ ନବୀନ: ମୂଳପୋଛ ହୋଇଯିବ କି ବିଜେଡି ?



**ଭୁବନେଶ୍ୱର(ଏନ୍.ଏମ୍.):** ଦୀର୍ଘ ୨୭ବର୍ଷର ସଫଳ ଆଞ୍ଚଳିକ ଦଳ ତଥା ୨୪ବର୍ଷର ସରକାରକୁ ନିଜର ଭୁଲ୍ ରଣନୀତି ଓ ଆତ୍ମବଡ଼ିମା ଯୋଗୁ ଧୂଳିସାତ୍ କରିଦେଇଥିବା ଭିକେ ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଚଳିତ ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପାଇଁ ସିଧାସଳଖ ପାଣ୍ଡିଆନ ଏବଂ ତାଙ୍କ ଟିମକୁ ଦାୟୀ କରି ସେମାନଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଦଳର ଯୁବ-ଛାତ୍ର କର୍ମକର୍ତ୍ତାମାନେ ଏବେ ଏକଜୁଟ୍ ହେବାରେ ଲାଗିଛନ୍ତି । ଆଉ ଦଳରେ ବଢୁଥିବା ଏଭଳି ଆକ୍ରୋଶକୁ ଦେଖି ନବୀନ ଆଜି ଗଣମାଧ୍ୟମ ସମ୍ମୁଖକୁ ଆସି ପାଣ୍ଡିଆନଙ୍କୁ ସମାଲୋଚନା କରାଯିବାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ତେବେ ଦଳର ଏଭଳି ଶୋଚନୀୟ ପରାଜୟ କାହିଁକି ହେଲା, ସେ ନେଇ ମୁହଁ ଖୋଲିନାହାନ୍ତି । ନବୀନି ଜାତୀୟ ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ଓ ପିଟିଆଇକୁ ଡାକି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡ଼ିଶାବାସୀ ଦୀର୍ଘବର୍ଷ ହେବ ତାଙ୍କୁ ଆଶୀର୍ବାଦ କରିଛନ୍ତି । ବାରମ୍ବାର ମୁଖ୍ୟମନ୍ତ୍ରୀ ବାଛିଥିବାରୁ ଧନ୍ୟବାଦ । ନିର୍ବାଚନରେ ହାରିବା ଓ ଜିତିବା ଲାଗି ରହେ । ସାଢ଼େ ୪କୋଟି ଓଡ଼ିଶାବାସୀଙ୍କୁ ସବୁବେଳେ ପରିବାର ଭାବି ଆସିଛି । ଆଗକୁ ଯେଉଁଭଳି ସେବା କରିପାରିବି ତାହା ଜାରି ରଖିବି । ନବୀନ ଆହୁରି ମଧ୍ୟ କହିଛନ୍ତି ଯେ, ପାଣ୍ଡିଆନଙ୍କୁ ସମାଲୋଚନା କରାଯାଉଥିବା ମୋ' ନଜରକୁ ଆସିଛି । ପାଣ୍ଡିଆନଙ୍କୁ ସମାଲେଚାନା କରିବା ଦୁର୍ଭାଗ୍ୟଜନକ । ପାଣ୍ଡିଆନଙ୍କୁ ତାଙ୍କର ସତ୍ୟନିଷ୍ଠା ଓ ସାଧୁତା ପାଇଁ ସର୍ବଦା ମନେ ରଖାଯିବ । ସେ ଅଫିସର ଭାବେ ୧୦ବର୍ଷ ଧରି ବହୁତ ଭଲ କାମ କରିଛନ୍ତି । ବାତ୍ୟା ଓ କୋଭିଡ୍ ପରିଚାଳନାରେ ତାଙ୍କର କାର୍ଯ୍ୟ ଭଲ ରହିଥିଲା । ସେ ଚାକିରିରୁ ଅବସର ନେଇ ବିଜେଡିରେ ଯୋଗ ଦେଇଥିଲେ । ସେ ଦଳର କୌଣସି ପଦପଦବୀରେ ନଥିଲେ କିମ୍ବା ନିର୍ବାଚନ ଲଢ଼ିନାହାନ୍ତି । ପାଣ୍ଡିଆନ ମଧ୍ୟ ତାଙ୍କର ଉତ୍ତରାଧିକାରୀ ନୁହଁନ୍ତି ବୋଲି ନବୀନ ଆଜି ପୁଣିଥରେ ନିଜଆଡୁ ସ୍ପଷ୍ଟ କରିଛନ୍ତି । ତେବେ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟକୁ ନେଇ ଆଜି ପ୍ରଥମଥର ପାଇଁ ନବୀନ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି । ଦଳର ବରିଷ୍ଠ ନେତାମାନଙ୍କୁ ଭେଟିବା ପରେ ନବୀନଙ୍କ ଏହି ପ୍ରତିକ୍ରିୟା ଆସିଛି । ନବୀନ ନିବାସରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ସଂଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ପ୍ରତାପ ଦେବ, କଳିକେଶ ସିଂହଦେଓ, ପ୍ରଣବପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କ ବୈଠକ ପରେ ନବୀନ ଏହି ପ୍ରତିକ୍ରିୟା ଦେବା ଦଳର ଲକ୍ଷ ଲକ୍ଷ କର୍ମୀଙ୍କୁ ନିରାଶ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଦଳର ଶୋଚନୀୟ ପରାଜୟ ପାଇଁ ପାଣ୍ଡିଆନ ଓ ତାଙ୍କ ଟିମର ଆତ୍ମବଡ଼ିମା, ଏକଛତ୍ରବାଦୀ ନିଷ୍ପତ୍ତି, ତ୍ରୁଟିପୂର୍ଣ୍ଣ ନିର୍ବାଚନ ପରିଚାଳନା ଓ ବ୍ୟବସାୟିକ ସ୍ୱାର୍ଥ ଆଦି ପ୍ରମୁଖ କାରଣ ହୋଇଥିଲେ ମଧ୍ୟ ବିଜେଡିର ଏହି ବରିଷ୍ଠ ନେତାମାନେ ସେସବୁ ଉପରେ ଆଲୋଚନା କରିବାକୁ ସାହାସ ଜୁଟାଇ ପାରିନଥିବା ଜଣାପଡ଼ିଛି । ନିର୍ବାଚନ ପରିଚାଳନାରେ ବରିଷ୍ଠ ନେତାମାନଙ୍କୁ କାହିଁକି ସାମିଲ କରାଗଲାନି ଓ ପାଣ୍ଡିଆନ ନିଜର ଟିମ ସଦସ୍ୟ ଯଥା- ପ୍ରଣବପ୍ରକାଶ ଦାସ, ଡିଏସ କୁଟ୍ଟେ, ମାନସ ମଙ୍ଗରାଜ, ମନୋଜ ମିଶ୍ରଙ୍କୁ ଧରି କରିଥିବା ମନମୁଖୀ କାର୍ଯ୍ୟ ଯୋଗୁ ଦଳର ଏଭଳି ବିପର୍ଯ୍ୟୟ ହେଲା ବୋଲି ବିଜେଡି କର୍ମୀମାନେ ଖୋଲାଖୋଲି ସୋସିଆଲ ମିଡିଆରେ ଅସନ୍ତୋଷ ବ୍ୟକ୍ତ କରୁଥିଲେ ମଧ୍ୟ ଦଳର ବରିଷ୍ଠ ନେତାମାନେ ନିଜ ସ୍ୱାର୍ଥ ପାଇଁ ଚୁପ୍ ରହିଛନ୍ତି । ଆଉ ପରୋକ୍ଷରେ ବିଜେଡିକୁ ପୁଣିଥରେ ତଳିତଳାନ୍ତ କରିବାକୁ ଛାଡ଼ି ଦେଇଥିବା ଚର୍ଚ୍ଚା ହେଉଛି । ଏପଟେ, ବିଜେଡିର ପରାଜୟ ପାଇଁ ପାଣ୍ଡିଆନ ଓ ତାଙ୍କ ଟିମକୁ ଦାୟୀ କରି ଦଳର ଯୁବ ଓ ଛାତ୍ର କର୍ମକର୍ତ୍ତାମାନେ ଗତକାଲି ସଂଘବଦ୍ଧ ଭାବେ ଶଙ୍ଖ ଭବନରେ ପଶି ବିଜେଡି ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀଙ୍କ ସମେତ ଲେନିନ୍ ମହାନ୍ତି, ସସ୍ମିତ ପାତ୍ରଙ୍କୁ ଧମକଚମକ ଦେବାକୁ ପଛାଇନଥିଲେ । ଏପରିକି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କୁ ମଧ୍ୟ ଚେତାବନୀ ଦେଇ ଭବିଷ୍ୟତରେ ପାଣ୍ଡିଆନଙ୍କୁ ସୁହାଇବା ପାଇଁ ଯଦି ଦଳ କୌଣସି ସାମ୍ବାଦିକ ସମ୍ମିଳନୀ କରେ ତା'ହେଲେ ପରିସ୍ଥିତି ଭୟାବହ ହେବ ବୋଲି ଚେତାଇ ଦେଇଥିଲେ । ଆଜି ମଧ୍ୟ ଯୁବ ଓ ଛାତ୍ର ନେତାମାନେ ପାଣ୍ଡିଆନ ସମେତ ବିଜେଡି ମିଡିଆ ପ୍ରଭାରୀ ମାନସ ମଙ୍ଗରାଜ ଓ ତାଙ୍କ ଟିମ୍ (ସସ୍ମିତ ଓ ଲେନିନ)ଙ୍କ ଘରକୁ ଯାଇ ସେମାନଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି । ଦଳର ବିପର୍ଯ୍ୟୟ ପାଇଁ ଏହି କିଛି ହାତଗଣତି ତୋଷାମଦକାରୀ ଦାୟୀ ଓ ଦଳକୁ ବଂଚାଇବା ପାଇଁ ଯୁବ ଓ ଛାତ୍ର ନେତାମାନେ ସଂଘବଦ୍ଧ ହୋଇ ଏଭଳି ଅଭିଯାନ କରିଥିବା ସୂଚନା ମିଳିଛି । ତେବେ ସବୁଠୁ ଆଶ୍ଚର୍ଯ୍ୟ ଓ ପରିତାପର ବିଷୟ ଯେ, ଏତେ ବଡ଼ ଆଂଚଳିକ ଦଳ ବିଜେଡିର ଏଭଳି ନିର୍ବାଚନୀ ବିପର୍ଯ୍ୟୟର ଆନୁଷ୍ଠାନିକ ସମୀକ୍ଷା ପୂର୍ବରୁ ନିଜେ ସୁପ୍ରିମୋ ଗଣମାଧ୍ୟମରେ ଆଗକୁ ଆସି ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଲେ । ତା'ପୁଣି ଦଳର ତଥାକଥିତ ବଡ଼ପଣ୍ଡାମାନଙ୍କ ସମ୍ମତିରେ । ଅର୍ଥାତ୍ ବିଜେଡି ଭବିଷ୍ୟତରେ ବି ପାଣ୍ଡିଆନଙ୍କର ନିୟନ୍ତ୍ରଣରେ ରହିବ ବୋଲି ନବୀନ ଆଜି ପରୋକ୍ଷରେ କହିବା ସହ ନିର୍ବାଚନରେ ଶୋଚନୀୟ ପରାଜୟର କାରଣ ଖୋଜିବାର ଆବଶ୍ୟକତା ସେ ଅନୁଭବ କରୁନଥିବା ନେଇ ମଧ୍ୟ ସନ୍ଦେଶ ଦେଇଛନ୍ତି । ଚଳିତ ନିର୍ବାଚନର ସମସ୍ତ ପ୍ରକ୍ରିୟାକୁ ପାଣ୍ଡିଆନ ଓ ତାଙ୍କ ଟିମ୍ ପରିଚାଳନା କରୁଥିଲେ ମଧ୍ୟ ବିପର୍ଯ୍ୟୟ ପାଇଁ ସେମାନଙ୍କୁ ଦାୟୀ ନକରିବା ପଛରେ ନବୀନଙ୍କ କିଛି ବାଧବାଧକତା ରହିଥିବା ଆଶଙ୍କା କରାଯାଉଛି । ଆଉ ଏହା ହିଁ ବିଜେଡିକୁ ଜନତା ଦଳ ଭଳି ସଂପୂର୍ଣ୍ଣ ମୂଳପୋଛ କରିଦେବ ବୋଲି ଏବେଠୁ ଜଳଜଳ ହୋଇ ଦିଶିଲାଣି ବୋଲି ଚର୍ଚ୍ଚା ହେଉଛି ।

# ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ନିଯୋଗର ସାଂଘାତିକ ଅଭିଯୋଗ


# ମହାପ୍ରଭୁଙ୍କୁ ଲାଗି ହେଉଛି 'ମାରା' ଫୁଲ



'ଫୁଲ ଉପରେ ପଡୁଛି ଏସି ପାଣି, ଫ୍ରିଜରେ ରହୁଥିବା ଫୁଲ ଲାଗି କରିବାକୁ ଦିଆଯାଉଛି'

**ପୁରୀ (ଏନ୍.ଏମ୍.):** ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଛି ମାରା ଫୁଲ । ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନକୁ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି । କେବଳ ସେତିକି ନୁହେଁ, ତାଜା ଫୁଲ ବଦଳରେ ଫ୍ରିଜ୍ରେ ଗଚ୍ଛିତ ଫୁଲକୁ ଲାଗି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଦେଉଛି । ଯାହା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ପାଇଁ ବିପଦ । ଏଭଳି ସାଂଘାତିକ ଅଭିଯୋଗ ଆଣିଛି ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ନିଯୋଗ । ଏ ଦିଗରେ ବିହିତ ପଦକ୍ଷେପ ନିଆନଗଲେ ଛାମୁ ଖୁଣ୍ଟିଆ ନିଯୋଗ ପରବର୍ତ୍ତୀ ପଦକ୍ଷେପ ନେବାକୁ ଚେତାବନୀ ଦେଇଛି । ମହାପ୍ରଭୁଙ୍କୁ ଲାଗି ହେଉଥିବା ଫୁଲମାଳ ଗୁନ୍ଥିବା ପାଇଁ ବହୁ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଏମାନେ ଶ୍ରୀମନ୍ଦିର ପରିସର କୋଇଲି ବୈକୁଣ୍ଠ ଓ ଶ୍ରୀମନ୍ଦିର ଉପବନ ପରିସରରେ ବସି ଫୁଲ ଗୁନ୍ଥୁଛନ୍ତି । ଫୁଲରେ ମାଳ ସହ ନାକଚଣା, ହୃଦପଲ୍ଲବ, କରପଲ୍ଲବ ଆଦି ପ୍ରସ୍ତୁତ କରୁଛନ୍ତି । ଯାହା ପ୍ରତିଦିନ ମହାପ୍ରଭୁଙ୍କୁ ଲାଗି ହେଉଛି । କିନ୍ତୁ ଏହି ଫୁଲ୍ ଫ୍ରିଜରେ ରଖି ମହାପ୍ରଭୁଙ୍କୁ ଲାଗି କରିବାକୁ ଦିଆଯାଉଛି ବୋଲି ଛାମୁ ଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ ଅଭିଯୋଗ କରିଛନ୍ତି । ଶ୍ରୀ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ଭିତର କାଠରେ ବେହେରଣ ଦ୍ୱାର ପାର୍ଶ୍ୱକୁ ରହିଛି, ମହାପ୍ରଭୁଙ୍କ ଫୁଲ ରଖିବା ସ୍ଥାନ । ଫୁଲମାଳ ସହ ଫୁଲର ଅନ୍ୟାନ୍ୟ ଶ୍ରୀଅଙ୍ଗ ଲାଗି ଜିନିଷ ପହଞ୍ଚିବା ପରେ ଏହିଠାରେ ରଖାଯାଉଛି । ଏଠାରୁ ପାଳିଆ ସେବକମାନେ ଫୁଲମାଳ ଆଦି ନେଇ ମହାପ୍ରଭୁଙ୍କୁ ଲାଗି କରୁଛନ୍ତି । କିନ୍ତୁ ବର୍ଷାଧିକ ହେଲାଣି, ଫୁଲ ରଖିବାର ଏହି ସ୍ଥାନରେ ଏସି ପାଣି ଗଳୁଛି । ଦିନତମାମ ଏଠାରେ ପାଣି ଗଳି ଫୁଲରେ ପଡୁଛି । ଫଳରେ ଫୁଲ ମାରା ହେଉଛି । ଶ୍ରୀମନ୍ଦିର ପ୍ରଶାସନକୁ ଛାମୁ ଖୁଣ୍ଟିଆ ନିଯୋଗ ବାରମ୍ବାର ଲିଖିତ ଆକାରରେ ଓ ଭେଟି କରି ଜଣାଇ ସାରିଲାଣି । କେବଳ ଛାମୁ ଖୁଣ୍ଟିଆ ନିଯୋଗ ନୁହେଁ, ଅନ୍ୟ ପାଳିଆ ନିଯୋଗମାନେ ଅଭିଯୋଗ କଲେଣି । ମାତ୍ର ପ୍ରଶାସନ ତିଳେମାତ୍ର କର୍ଣ୍ଣପାତ କରୁନାହିଁ । ବାଧବାଧକତାରେ ଏହି ଫୁଲକୁ ମହାପ୍ରଭୁଙ୍କୁ ଲାଗି ହେଉଛି । ଥଣ୍ଡା ଓ ପାଣି ଲାଗିଥିବା ଫୁଲ ଓ ମାଳ ଶ୍ରୀଅଙ୍ଗ ପାଇଁ ବିପଦ । ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ଫୁଲମାଳ ଓ ଫୁଲର ଲାଗି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିବା ପାଇଁ ୫୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି । ଯେଉଁମାନେ ଫୁଲମାଳ କରୁଛନ୍ତି, ସେମାନେ ଫ୍ରିଜ୍ରେ ରହୁଥିବା ଫୁଲକୁ ମାଳ କରି ଦେଉଛନ୍ତି । ଏହା ଶ୍ରୀଅଙ୍ଗ ଲାଗି ବିପଦ ବୋଲି ଶ୍ରୀ ଖୁଣ୍ଟିଆ ଅଭିଯୋଗ କରିଛନ୍ତି । ଶ୍ରୀ ଖୁଣ୍ଟିଆ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ନିଯୋଗ ତରଫରୁ ଏକାଧିକ ଥର ଲିଖିତ ଆକାରରେ ଶ୍ରୀମନ୍ଦିର ପ୍ରଶାସନକୁ ଅଭିଯୋଗ ହେଲାଣି । ନିକଟରେ ଶ୍ରୀମନ୍ଦିର ଛତିଶାନିଯୋଗ ବୈଠକରେ ବି ଏହି ଅଭିଯୋଗ କରିଥିଲି । ଇତିମଧ୍ୟରେ ଅନେକ ପ୍ରଶାସକ ବଦଳିଲେଣି, କିନ୍ତୁ କେହି ଶୁଣିବାକୁ ନାରାଜ । ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ହେୟଜ୍ଞାନ କରି ଚାଲିଛନ୍ତି । ଯାହା ସେବାୟତଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି ବୋଲି ସେ ଅଭିଯୋଗ କରିଛନ୍ତି ।

# ଖୋର୍ଦ୍ଧା ଇତିହାସରେ ବିଜେପିର ପ୍ରଥମ ବିଜୟ; ହାରିଲେ ବିଜେଡିର ହାଟ୍ରିକ୍ ବିଧାୟକ ରାଜେନ୍ଦ୍ର



**ଖୋର୍ଦ୍ଧା (ଏନ୍.ଏମ୍.):** ଭାରତୀୟ ଜନତା ପାର୍ଟି ଗଠନ ପରଠାରୁ ଖୋର୍ଦ୍ଧା ଇତିହାସରେ ଯାହା କେବେ ହୋଇନଥିଲା, ଚଳିତ ନିର୍ବାଚନରେ ତାହା ହୋଇଛି । ପ୍ରଥମ ଥର ପାଇଁ ଖୋର୍ଦ୍ଧାର ରାଜନୀତିରେ ବିଜେପି ପ୍ରଥମ ଥର ପାଇଁ ଆଜି ବିଜୟ ତିଳକ ପିନ୍ଧିଛି । ବିଜେଡିର ହାଟ୍ରିକ୍ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ହରାଇ ବିଜେପିର ଏ ପ୍ରଥମ ବିଜୟ ସ୍ୱାଦ ପୂରା ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚିତ ବିଷୟ ହୋଇଛି । ଗଲା ୪୪ବର୍ଷର ଇତିହାସ ଫର୍ଦ୍ଦକୁ ଲେଉଟାଇଲେ, ଅଶି ଦଶକରୁ ୨୦୧୯ ମସିହା ସାଧାରଣ ନିର୍ବାଚନ ଯାଏ, ଏ ଜାତୀୟ ଦଳ ଖୋର୍ଦ୍ଧାରେ କେବେ ଏକୁଟିଆ ତ, କେବେ ମେଣ୍ଟରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା, କିନ୍ତୁ ବିଜୟ ତାଲିକାରେ ବିଜେପିର କେବେ ନାଁ ଲେଖା ହୋଇନଥିଲା । ୧୯୮୫, ୧୯୯୦ ଏବଂ ୧୯୯୫ ମସିହା ନିର୍ବାଚନରେ ବିଜେପି ନିଜର ପ୍ରାର୍ଥୀ ଦେଇ ହାରିଥିଲା । ଗଲା ୨୦୦୦ମସିହାରେ ଯଦିଓ ବିଜେପି ସହିତ ବିଜେଡିର ମେଣ୍ଟ ହେଲା, କିନ୍ତୁ ଖୋର୍ଦ୍ଧା ବିଧାନସଭା କ୍ଷେତ୍ରଟି ବିଜେପି ଭାଗରେ ପଡ଼ିଲା ନାହିଁ ।

୨୦୦୯ ମସିହାରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିବା ପରେ ପୁଣି ଅଣ୍ଟା ସଳଖିଥିଲା ବିଜେପି । ସେ ସମୟରେ କଂଗ୍ରେସରୁ ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କୁ ଦଳ ଆଣି ପ୍ରାର୍ଥୀ କଲା, କିନ୍ତୁ ଦଳ ବିଜୟୀ ହୋଇପାରିଲା ନାହିଁ । ଶ୍ରୀ ଶ୍ରୀଚନ୍ଦନ ମୋଟ୍ ୨୭ହଜାର ୧୯୭ଖଣ୍ଡ ଭୋଟ୍ ପାଇଥିବା ବେଳେ ତତ୍କାଳୀନ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ୯ହଜାର ୨୧୦ଟି ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିଲେ । ୨୦୧୪ ମସିହାରେ ତତ୍କାଳୀନ ସ୍ୱାଧୀନ ପ୍ରାର୍ଥୀ ତଥା ବର୍ତ୍ତମାନର ଖୋର୍ଦ୍ଧା ବିଜେଡ଼ି ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ରଙ୍କୁ ବିଜେପି ପୁଣି ଆମଦାନି କଲା । ସେ ସମୟରେ ବିଜେପି ୬୫ହଜାର ୭୦୨ଖଣ୍ଡ ଭୋଟ୍ ପାଇଲା, କିନ୍ତୁ ଜିତି ପାରିଲା ନାହିଁ । ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ ୭୨ହଜାର ୨୯୯ଟି ଭୋଟ୍ ପାଇ ବିଜେପିକୁ ପୁଣି ହରାଇଲେ । ବିଭିନ୍ନ ସମୟରେ ଅନ୍ୟ ଦଳରୁ ଆମଦାନି କରି ପରାଜିତ ହୋଇଥିବା ବିଜେପି ଏଥର କିନ୍ତୁ ବିଜେଡିର ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଖୋର୍ଦ୍ଧାର ବିଜେପି ପ୍ରାର୍ଥୀ କରି ବିଜୟ ତାଲିକାରେ ନାଁ ଲେଖାଇଛି । ଗତ ୨୦୧୯ ମସିହାରେ ବିଜେପିକୁ ଖୋର୍ଦ୍ଧାରେ ୧୦ହଜାର ୪୩ଖଣ୍ଡ ଭୋଟ୍ରେ ବିଜେଡି ହରାଇଥିଲା । ଏଥର କିନ୍ତୁ, ରିପୋର୍ଟ ଲେଖାଯିବା ସୁଦ୍ଧା ୮ହଜାର ୪୩୬ଖଣ୍ଡ ଭୋଟରେ ବିଜେପିର ପ୍ରଶାନ୍ତ ଜଗଦେବ ବିଜେଡିର ହାଟ୍ରିକ୍ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ପରାଜିତ କରିଛନ୍ତି । ଚଳିତ ନିର୍ବାଚନରେ ବିଜେପିରୁ ବାହାରି ଆସି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାଳୁ ଚରଣ ଖଣ୍ଡେଇତରାୟଙ୍କ ବିଦ୍ରୋହ ବିଜେପିକୁ ଅଡୁଆ କରିପାରେ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ, ନିର୍ବାଚନୀ ଫଳାଫଳ ସବୁ ଅନୁମାନକୁ ଭୁଲ୍ ପ୍ରମାଣିତ କରିଛି । କାଳୁଙ୍କ ବିଦ୍ରୋହ ବିଜେପିର ବିଜୟ ବାଟରେ କୌଣସି ବାଧା ତିଆରି କରିନାହିଁ ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ମୋଦି ୩.୦ରେ ମନ୍ତ୍ରୀ ...

ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ୨୦୧୪ରେ ସେ ପେଟ୍ରୋଲିୟମ ମନ୍ତ୍ରୀ ହୋଇଥିଲେ । ୨୦୧୯ରେ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟ ମିଳିଥିଲା । ୨୦୧୪ରେ ସେ ବିହାର ଓ ୨୦୧୯ରେ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ଯାଇଥିଲେ । କିନ୍ତୁ ଏଥର ସେ ଓଡ଼ିଶାର ସମ୍ବଲପୁରରୁ ଲୋକସଭା ନିର୍ବାଚନ ଜିତି ସଂସଦକୁ ଯାଇଛନ୍ତି । ସେହିପରି ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ମୋଦି ୨.୦ ସରକାରରେ ରେଳ ସହ ଆଇଟି ବିଭାଗ ସମ୍ଭାଳିଥିଲେ । ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ଏଥର ମଧ୍ୟ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

## ଇସ୍ତଫା ଦେଲେ ସୁରେଶ ମହାପାତ୍ର ...

ବାଲକ୍ରିଷ୍ଣନଙ୍କୁ ସ୍ୱତନ୍ତ୍ର ଉପକ୍ରମ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଥିଲେ ମୁଖ୍ୟମନ୍ତ୍ରୀ । ବାଲକ୍ରିଷ୍ଣନଙ୍କୁ ମୁଖ୍ୟ ସଚିବ ପାହ୍ୟାରେ ନିଯୁକ୍ତି ମିଳିଥିଲା । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏଭଳି କିଛି ଉଚ୍ଚ ପାହ୍ୟାରେ ନିଯୁକ୍ତ ହେଉଥିବା ବ୍ୟକ୍ତିଙ୍କୁ ସାଧାରଣତଃ ସରକାରଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ନିଯୁକ୍ତି ମିଳିଥାଏ । ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟକୁ ଦେଖିଲେ କେବଳ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଏବେ ପ୍ରାୟ ୨୦ ଜଣ ଅବସରପ୍ରାପ୍ତ କର୍ମଚାରୀ ବିଭିନ୍ନ ସ୍ତରରେ କାମ କରୁଛନ୍ତି । ନୂଆ ସରକାର ଆସିବା ପରେ ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀ ଆସିବାକୁ ଯାଉଥିବାରୁ ଏଭଳି ଇସ୍ତଫାର ଧାରା ଅଧିକ ଲମ୍ବିପାରେ ବୋଲି ଆଲୋଚନା ହେଉଛି ।

## ବିଜେଡିର ପରାଜୟ ପରେ ...

ପଟ୍ଟନାୟକ ମଧ୍ୟ ପାଣ୍ଡିଆନଙ୍କ ଉପରକୁ ଆଙ୍ଗୁଳି ଉଠାଇବା ଉପରେ ରୋକ ଲଗାଇ ପାଣ୍ଡିଆନଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଏବଂ ପରାଜୟକୁ ନିଜ ମୁଣ୍ଡକୁ ନେଇ ନିର୍ବାଚନ ଜିତିବା ହାରିବା ଏକ ନୀତିଗତ ପ୍ରକ୍ରିୟା ବୋଲି କହିଛନ୍ତି । ବଡ଼କଥା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଚାର ବେଳେ କହିଥିଲେ, ରାଜ୍ୟରେ ବିଜେପି ସରକାର ଗଢିଲେ ସମସ୍ତ ଦୁର୍ନୀତିର ତଦନ୍ତ ହେବ, ମାଫିଆର ଅଣ୍ଟା ଭାଙ୍ଗି ଦିଆଯିବ । ଏମିତିକି ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ତାମିଲନାଡୁରୁ ଖୋଜି ଅଣାଯିବ ।

## ମହିଳାଙ୍କୁ ଗିଳିଦେଲା ...

ରହିଥିବାର ଦେଖିବାକୁ ମିଳିଥିଲା । ଅଜଗର ଦ୍ୱାରା ମଣିଷ ଗିଳିବା ଘଟଣା ଅତ୍ୟନ୍ତ ବିରଳ ବୋଲି ବିବେଚନା କରାଯାଏ । କିନ୍ତୁ ନିକଟ ଅତୀତରେ ଇଣ୍ଡୋନେସିଆରେ ଅନେକ ଲୋକ ଏହିପରି ମୃତ୍ୟୁ ବରଣ କରିଥିବାର ନଜିର ରହିଛି । ଗତ ବର୍ଷ ଦକ୍ଷିଣ-ପୂର୍ବ ସୁଲାୱେସିର ଟିନାଙ୍ଗଗିଆ ଜିଲ୍ଲାର ବାସିନ୍ଦାମାନେ ଗାଁର ଜଣେ ଚାଷୀଙ୍କୁ ଗିଳି ଦେଇଥିବା ୮ ମିଟର ଅଜଗରକୁ ହତ୍ୟା କରିଥିଲେ । ୨୦୧୮ ରେ, ଜଣେ ୫୪ ବର୍ଷ ବୟସ୍କା ମହିଳା ଦକ୍ଷିଣ ପୂର୍ବ ସୁଲାୱେସିର ମୁନା ସହରରେ ଅଜଗରର ଶିକାର ହୋଇଥିଲେ । ମହିଳାଙ୍କ ମୃତଦେହ ୭ ମିଟର ଲମ୍ବା ଅଜଗରର ପେଟ ଭିତରୁ ମିଳିଥିଲା ।

## ରାଜନୀତିର ପଶାପାଲି ...

ଭୋଟରେ ପରାସ୍ତ ହୋଇଥିଲେ ଲକ୍ଷ୍ମଣ ବାଗ । ସନ୍ତୋଷ ସିଂହ ସାଲୁଜାଙ୍କୁ ୬୪ ହଜାର ୨୪୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଲକ୍ଷ୍ମଣ ବାଗଙ୍କୁ ମିଳିଥିଲା ୬୪ ହଜାର ୧୧୮ ଖଣ୍ଡ ଭୋଟ୍ ମିଳିନଥିଲା । ଦୁଇ ଥର ପରାସ୍ତ ହେବା ପରେ ଲକ୍ଷ୍ମଣ ବାଗ ନିରାଶ ହୋଇ ନଥିଲେ କି ବିଜେପିର ତାଙ୍କ ଉପରୁ ଭରସା ଉଠିଯାଇ ନଥିଲା । ତେଣୁ ଦଳ ତାଙ୍କୁ ଏଥର ମଧ୍ୟ କଣ୍ଟାବାଞ୍ଜିରୁ ପ୍ରାର୍ଥୀ କରିଥିଲା । ବିଜେଡିରୁ ଖୋଦ୍ ନବୀନ ପଟ୍ଟନାୟକ ସେଠାରୁ ପ୍ରାର୍ଥୀ ହେବା ସତ୍ତ୍ୱେ ଲକ୍ଷ୍ମଣଙ୍କ ମନୋବଳ ଦୃଢ଼ ରହିଥିଲା । ତାଙ୍କ ମନୋବଳକୁ ଦୃଢ଼ ରଖିଥିଲେ ଦଳୀୟ ନେତା, କର୍ମୀ ଓ ସମର୍ଥକ । ବଲାଙ୍ଗିର ଲୋକସଭା ଆସନ ପ୍ରାର୍ଥୀ ସଙ୍ଗୀତା ସିଂହଦେଓ ଏବଂ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କ ମନୋବଳ ବଢ଼ାଇଥିଲେ ।

ବଲାଙ୍ଗିରରେ ନିର୍ବାଚନ ପ୍ରଚାର ସମୟରେ ଲକ୍ଷ୍ମଣ ବାଗଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଶେର' ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ- 'ୟେ ହମାରା ଶେର ହୈ' । ଏହା ସହିତ ଲକ୍ଷ୍ମଣ ବାଗଙ୍କୁ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ହରାନ୍ତୁ ବୋଲି ଲୋକଙ୍କୁ ଆହ୍ୱାନ ଦେଇଥିଲେ । ସେହିଭଳି ସଂଗୀତା ସିଂହଦେଓଙ୍କ ଏକ ଡାଏଲଗ ବେଶ୍ ଲୋକପ୍ରିୟ ହୋଇଥିଲା । ସେ କହିଥିଲେ- କସମ ରାମ କୀ ଖାଏଗେଁ... ମୁଖ୍ୟମନ୍ତ୍ରୀଙ୍କୁ ହରାଏଗେଁ । ଏହା ମଧ୍ୟ ଲକ୍ଷ୍ମଣ ବାଗଙ୍କ ମନୋବଳକୁ ବଢ଼ାଇଥିଲା । ଏହା ବ୍ୟତୀତ ତାଙ୍କ ପାଇଁ ଦଳର ଅନେକ କେନ୍ଦ୍ରୀୟ ନେତା ପ୍ରଚାର କରିଥିଲେ । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଓ ଅନ୍ୟପଟେ କଂଗ୍ରେସର ସନ୍ତୋଷ ସିଂହ ସାଲୁଜା ଥିଲେ ହେଁ ସଠିକ ରଣନୀତି ଓ ଲକ୍ଷ୍ମଣ ଘନ ଘନ ଏବଂ ଘରକୁ ଘର ପ୍ରଚାର ଯୋଗୁ ତାଙ୍କର ଜିତାପଟ ହୋଇଥିଲା । ଲକ୍ଷ୍ମଣ ବାଗ ୧୬ ହଜାର ୩୪୪ ଖଣ୍ଡ ଭୋଟରେ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ଲକ୍ଷ୍ମଣଙ୍କୁ ୯୦ ହଜାର ୮୭୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ନବୀନଙ୍କୁ ୭୪ ହଜାର ୫୩୨ ଖଣ୍ଡ ଭୋଟ୍ ମିଳିଥିଲା । ଦାଦନଗଡ଼ ଭାବରେ ପରିଚିତ କଣ୍ଟାବାଞ୍ଜିର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟାଖ୍ୟାନ କରି ଲକ୍ଷ୍ମଣ ବାଗଙ୍କୁ ବିଜୟୀ କରିଥିବା ବେଳେ ସେ କହିଛନ୍ତି- ଏବେ କଣ୍ଟାବାଞ୍ଜିର ବିକାଶ କରାଯିବ ।

# ଇପ୍ଟା କାର୍ଯ୍ୟକାରୀ ବୈଠକ

**କଟକ(ଏନ୍.ଏମ୍.):** ଭାରତୀୟ ଗଣନାଟ୍ୟ ସଂଘ (ଇପ୍ଟା) କଟକ ଜିଲ୍ଲା କମିଟି ର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ବାରବାଟି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମଞ୍ଚ ଅଭିନେତ୍ରୀ ନିହାରିକା ଦାଶ ସଭାପତିତ୍ୱ କରି ଥିଲେ । ରାଜ୍ୟ ସଂପାଦକ ସୁଶାନ୍ତ ମହାପାତ୍ର ଯୋଗଦେଇ କଟକ ଜିଲ୍ଲା ସମ୍ମିଳନୀ, କର୍ମଶାଳା ଓ ଜାତୀୟ ପରିଷଦ ବୈଠକ ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇ ଥିଲେ । କଟକ ଜିଲ୍ଲା ସଂପାଦକ କୃଷ୍ଣ ପ୍ରିୟା ମିଶ୍ର ଜିଲ୍ଲା ସମ୍ମିଳନୀ ଜୁଲାଇ ୧୪ ରିଖ ଦିନ ବାରବାଟି ଷ୍ଟାଡିୟମ ଠାରେ ହେବ ବୋଲି ବକ୍ତବ୍ୟ ରଖିଥିଲେ । ଏଥିସହିତ ଜାତୀୟ ପରିଷଦ ବୈଠକକୁ ସଫଳ କରିବାକୁ ଆହ୍ୱାନ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲୋଚନାରେ ଇପ୍ଟାର ବରିଷ୍ଠ ସଦସ୍ୟ ଭ୍ରମରବର ସାହୁ, ବିପିନ ବିହାରୀ ପାଢୀ, ଚିତ୍ତରଞ୍ଜନ ପାତ୍ର, ନଜରୁଲ ଇସଲାମ, ବିଜୟ ମହାପାତ୍ର, ସୁବାସ ଚନ୍ଦ୍ର ବୋଷ, ବିନୋଦ ବେହେରା, ମାନସୀ ପାତ୍ର ,ବିହଙ୍ଗରାଜ ବିଶ୍ୱାଳ, ସଞ୍ଜୟ ପରିଜା ପ୍ରମୁଖ ଅଂଶଗ୍ରହଣ କରି ଥିଲେ । ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଟି ତଳୁ ମହିଳାଙ୍କ ମୃତଦେହ ଉଦ୍ଧାର : ପୁଲିସର ତଦନ୍ତ ଜାରି




**ବଲାଙ୍ଗୀର(ଏନ୍.ଏମ୍.):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ କେନକେବା ବ୍ରିଜ ନିକଟ ଲାହାନ୍ତ ନଦୀ ପଠାରୁ ଜଣେ ମହିଳାଙ୍କ ମୃତଦେହ ଠାବ କରାଯାଇଛି । ମାଟି ତଳୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ମହିଳାଙ୍କ ପରିଚୟ ମିଳି ନଥିବା ବେଳେ କେହି ତାଙ୍କୁ ହତ୍ୟା କରି ମାଟି ତଳେ ପୋତିଦେଇଥିବା ସନ୍ଦେହ କରାଯାଉଛି । ସୂଚନା ଅନୁଯାୟୀ, ସକାଳେ ସ୍ଥାନୀୟ ଲୋକେ ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ନଦୀପଠାରେ ମହିଳାଙ୍କ ଚୁଡ଼ି ଓ ଗୋଡ଼ ମୁଦି ପଡ଼ିଥିବା ଦେଖିବାକୁ ପାଇଥିଲେ । ଏନେଇ ସେମାନେ ବେଲପଡ଼ା ଥାନା ପୁଲିସକୁ ସୂଚନା ଦେଇଥିଲେ । ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାଟିତଳୁ ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଥିଲା । ଏନେଇପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

# କୁମ୍ଭୀର ଟାଣି ଖାଇଦେଲା, ମିଳିଲା ମୃତଦେହ

**ରାଜକନିକା (ଏନ୍.ଏମ୍.):** କୁମ୍ଭୀର ଆକ୍ରମଣରେ ପୁଣି ଜଣେ ଲୋକର ଜୀବନ ଗଲା । ଏ ଭଳି ଘଟଣା ଘଟିଛି, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ କାଟଣା ବଣିଆ ପଞ୍ଚାୟତର ସିଙ୍ଗିଡ଼ି ଗାଁ ସନାତନ ସାମଲ (୪୮) ନିଜ ସମ୍ପର୍କୀୟଙ୍କ ଶବ ଦାହ ସାରି ଗାଁ ନିକଟରେ ଖରସ୍ରୋତା ନଦୀକୁ ଲାଗି ଥିବା ସିଙ୍ଗିଡ଼ି ଜୋରକୁ ଗତକାଲି ସନ୍ଧ୍ୟା ସମୟରେ ଗାଧୋଇବାକୁ ଯାଇଥିଲେ । ହେଲେ ସେ ଆଉ ଘରକୁ ଫେରି ନଥିଲେ । ଘର ଲୋକମାନେ ବହୁ ଖୋଜାଖୋଜି ପରେ ପାଇ ନଥିଲେ । ଆଜି ସକାଳେ ସେହି ଜୋରରେ ସନାତନଙ୍କ ମୃତଦେହ ଭାସୁଥିବାର ଲୋକମାନେ ଦେଖିଥିଲେ । ତାଙ୍କ ଶରୀରର ଅଧା ଅଂଶ କୁମ୍ଭୀର ଖାଇ ଦେଇଥିବା ଦେଖିବାକୁ ମିଳିଛି । ପରିବାରରେ କାନ୍ଦ ବୋବାଳିରେ ଫାଟି ପଡୁଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ୨୪ବର୍ଷ ଶାସନର ଅନ୍ତ : ନବୀନଙ୍କୁ ସମ୍ମାନଜନକ ବିଦାୟ କି କୃତଜ୍ଞତା ଜଣାଇଲେନି ବିଜେଡି ନେତା ଓ କର୍ମୀ

**ଭୁବନେଶ୍ୱର(ଏନ୍.ଏମ୍.):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଓଡ଼ିଶାରେ ନବୀନଙ୍କ ଶାସନ ଯୁଗର ଅନ୍ତ ହୋଇଛି । ଚଳିତ ନିର୍ବାଚନରେ ବିଜେଡିକୁ ଅପ୍ରତ୍ୟାଶିତ ଝଟକା ଦେଇ ବିଜେପି ବିପୁଳ ବିଜୟ ସହ ରାଜ୍ୟରେ ସରକାର ଗଢ଼ିବାକୁ ସଜବାଜ ହେଉଛି । ତେବେ ବିଜେଡିକୁ କ୍ରମାଗତ ସଫଳତା ଓ ଦଳକୁ ବିଗତ ୨୪ବର୍ଷ ୩ମାସ ଧରି ରାଜ୍ୟରେ ନିରଙ୍କୁଶ କ୍ଷମତା ଉପଭୋଗ କରିବାର ସୁଯୋଗ ଦେଇଥିବା ନବୀନ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାବେଳେ ତାଙ୍କର ସମ୍ମାନରେ ତାଙ୍କ ନିଜ ଦଳ 'କୃତଜ୍ଞତା' ଜଣାଇବାକୁ ସାମାନ୍ୟ ଆଗ୍ରହ ଦେଖାଇ ନାହିଁ । ଏପରିକି ଭୁବନେଶ୍ୱରର ୩ଟି ଆସନ ମଧ୍ୟରୁ ୨ଟିରେ ବିଜେଡିର ବିଧାୟକ ଜିତିଥିଲେ ମଧ୍ୟ ନବୀନ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାବେଳେ ତାଙ୍କୁ ନୈତିକ ସମର୍ଥନ ଦେବା ପାଇଁ ଦଳୀୟ କର୍ମୀ କିମ୍ବା ନେତାଙ୍କ ଦେଖା ନମିଳିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ନବୀନ ଆଜି ରାଜଭବନ ଯାଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିବା ପରେ ବିଜେଡିର କର୍ମୀ ଓ



ନେତାମାନେ ଚାହିଁଥିଲେ ନିଜ ନେତାଙ୍କ ଦୀର୍ଘଦିନର ଅବଦାନକୁ ସମ୍ମାନ ଜଣାଇ 'ଗାରିମାମୟ ବିଦାୟ' ସମ୍ବର୍ଦ୍ଧନା ଦେଇପାରିଥାନ୍ତେ । ଯାହାକି ଦଳର ନିର୍ବାଚନୀ ବିପର୍ଯ୍ୟୟ ଓ 'ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାର ମାନସିକ କଷ୍ଟ'ରୁ ମୁକୁଳିବାରେ ନୈତିକ ସାହାସ ଓ ସମର୍ଥନ ଦେବାରେ ସକ୍ଷମ ହୋଇଥାନ୍ତା । ନବୀନ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ଯଦିଓ ଦଳର କର୍ମୀ ଓ ନେତାମାନଙ୍କ ପାଇଁ ଦୁଃଖଦ ଘଟଣା କିନ୍ତୁ ନିଜର ନେତାଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ଗାରିମାମୟ ଭବ୍ୟ ବିଦାୟ ଦେଇ ବିଜେଡି ନିଜର ଲକ୍ଷ ଲକ୍ଷ କର୍ମୀଙ୍କୁ ଏକ ଭଲ ସନ୍ଦେଶ ଦେଇପାରିଥାନ୍ତା । ମାତ୍ର ବିଜେଡି ସେଭଳି କିଛି କଲା ନାହିଁ । ଦଳ କ୍ଷମତାରେ ଥିବାବେଳେ ଯେଉଁ ନେତାମାନେ କୋଟି କୋଟି ଟଙ୍କା ଉପାର୍ଜନ କରିଥିଲେ ଓ ଦଳ ପାଇଁ ସମ୍ମାନର ହକଦାର ହୋଇଥିଲେ ଆଜି ସମସ୍ତେ ନବୀନଙ୍କ ବିପର୍ଯ୍ୟୟବେଳେ ତାଙ୍କଠୁ ଦୂରେଇ ଯାଇଛନ୍ତି । ଆଉ ଧର୍ମକୁ ଆଖିଠାର ମାରିବା ଭଳି ନବନିର୍ବାଚିତ ବିଧାୟକମାନେ ତାଙ୍କୁ ଭେଟି କେବଳ ସୌଜନ୍ୟତା ରକ୍ଷା କରିଛନ୍ତି ବୋଲି ଚର୍ଚ୍ଚା ହେଉଛି । ନବୀନଙ୍କ ପ୍ରୟାସ ଓ କାର୍ଯ୍ୟଶୈଳୀ ଯୋଗୁ ବିଜେଡି ଦେଶର ଏକ ସଫଳ ଆଂଚଳିକ ଦଳ ଭାବେ ବିଗତ ୨୭ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଆସୁଥିଲା । ନବୀନଙ୍କ ପାଇଁ ବିଜେଡି କ୍ରମାଗତ ନିର୍ବାଚନୀ ବିଜୟ ହାସଲ କରୁଥିଲା । କିନ୍ତୁ ଚଳିତ ନିର୍ବାଚନରେ ତ୍ରୁଟିପୂର୍ଣ୍ଣ ନିର୍ବାଚନୀ ରଣନୀତି ଓ ପରିଚାଳନା ଏବଂ ସରକାରବିରୋଧୀ ହାୱା ଯୋଗୁ ବିଜେଡିକୁ ଶକ୍ତ ଝଟକା ଲାଗିଛି । ବିଜେଡିର ଦୁର୍ଗ ଭୁଶୁଡ଼ିଛି ଓ ବିଜେପି ରାଜ୍ୟରେ ଏକାକୀ ସରକାର ଗଢ଼ିବାକୁ ଯାଉଛି । ବିଜେଡିର ଏଭଳି ବିପର୍ଯ୍ୟୟର କାରଣକୁ ନେଇ ଏପର୍ଯ୍ୟନ୍ତ ଦଳ ନିରବ ରହିଛି ଓ କାହାରିକୁ ଦାୟୀ କରିନାହିଁ । ମାତ୍ର ଦେଶର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ହେବାର ରେକର୍ଡରୁ ବଞ୍ଚିତ ନବୀନଙ୍କ(ଆଉ ମାତ୍ର ୭୩ଦିନ ବାକି ଥିଲା) ବିଜେଡି ପ୍ରତି ଓ ରାଜ୍ୟ ଶାସନ ପ୍ରତି ଅବଦାନକୁ ତାଙ୍କ ନିଜ ଦଳ ବିଜେଡି ସ୍ୱୀକୃତି ଓ କୃତଜ୍ଞତା ଜଣାଇବାକୁ ସାମାନ୍ୟ ଆନ୍ତରିକତା ଦେଖାଇନାହିଁ । ଯଦିଓ ଦଳର ନିର୍ବାଚନୀ ବିପର୍ଯ୍ୟୟ ପାଇଁ ନବୀନ ନିଜେ ପ୍ରତ୍ୟକ୍ଷ ଭାବେ ଦାୟୀ କିନ୍ତୁ ବିଜେଡିକୁ ଆଗକୁ ନେବା ଓ ୨୪ବର୍ଷ ଧରି ଦଳକୁ ରାଜ୍ୟରେ କ୍ଷମତାରେ ରଖିବାର ଶ୍ରେୟ ନିଶ୍ଚିତ ଭାବେ ନବୀନ ପଟ୍ଟନାୟକଙ୍କୁ ଯିବ । ଏବେ ନିଜର ବୟସାଧିକ ଯୋଗୁ ହେଉ ଅବା ଅନ୍ୟ କିଛି କାରଣରୁ ନବୀନ ସର୍ବସାଧାରଣରୁ ଦୂରେଇ ରହି ଯାହାଙ୍କ ଉପରେ ଭରସା କଲେ(ଭିକେ ପାଣ୍ଡିଆନ) ସେ ଦଳର ବିପର୍ଯ୍ୟୟର କାରଣ ପାଲଟିଥିବା ଚର୍ଚ୍ଚା ହେଉଛି । ନବୀନଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାବେଳେ ତାଙ୍କର ୨୪ବର୍ଷର ଅବଦାନକୁ ସମ୍ମାନ ଜଣାଇବା ଓ ନୈତିକ ସମର୍ଥନ ଦେବା ଉଦ୍ଦେଶ୍ୟରେ 'ଗାରିମାମୟ ବିଦାୟ' ଦେଇ ବିଜେଡି ଏକ ନୂଆ ପରମ୍ପରା ସୃଷ୍ଟି କରିପାରିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

# ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ ଚୋରି : ଜଳେଶ୍ୱରରୁ ଉଦ୍ଧାର, ମହିଳା ଗିରଫ

**ଜଳେଶ୍ୱର (ଏନ୍.ଏମ୍.):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗତକାଲି ଜନ୍ମର ମାତ୍ର ୮ ଘଣ୍ଟା ପରେ ଏକ ଶିଶୁପୁତ୍ରକୁ ଚୋରି ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା । ସିସିଟିଭି ଫୁଟେଜ ତଥା ଗୁଇନ୍ଦା ସୂଚନା ଆଧାରରେ ପୁଲିସ ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ଶାନ୍ତିଆ ଗ୍ରାମରେ ଥିବା ବ୍ଲକ କଲୋନୀ ନିକଟରୁ ଚୋରି ହୋଇଥିବା ଶିଶୁପୁତ୍ରକୁ ଉଦ୍ଧାର କରିଛି । ଶିଶୁପୁତ୍ରକୁ ଚୋରି ଅଭିଯୋଗରେ ପୁଲିସ ସନ୍ଧ୍ୟା ପାତ୍ର ଓରଫ ଝୁମ୍ପଡି (୪୦)ନାମକ ଜଣେ ମହିଳାଙ୍କୁ ଗିରଫ କରିଛି ।ସନ୍ଧ୍ୟା ପୂର୍ବରୁ ହାଇଦ୍ରାବାଦରେ ରହୁଥିବା ବେଳେ



ସେହି ହାଇଦ୍ରାବାଦର ଜଣେ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଚୋରି କରିଥିବା ଶିଶୁକୁ ବିକ୍ରି କରିଥାନ୍ତେ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣି ପାରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଗତକାଲି ଜନ୍ମ ହେବାର ୮ ଘଣ୍ଟା ପରେ ଏହି ଶିଶୁ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ବାଲେଶ୍ୱର ପୁଲିସ ତଦନ୍ତ କରି ମହିଳା ଜଣକ ଜଳେଶ୍ୱର ଅଞ୍ଚଳର ବୋଲି ପ୍ରମାଣ ମିଳିଥିଲା । ସେହି ଅନୁସାରେ ବାଲେଶ୍ୱର ପୁଲିସର ଏକ ଟିମ ଜଳେଶ୍ୱର ପୁଲିସର ସହାୟତାରେ ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ଶାନ୍ତିଆ ଗ୍ରାମରେ ଥିବା ବ୍ଲକ କଲୋନୀ ସନ୍ନିକଟ ଏକ ଘରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ସନ୍ଧ୍ୟା ଶିଶୁକୁ ନିଜ କୋଳରେ ଧରି ଶୋଇଥିବା ବେଳେ ପୁଲିସ ଶିଶୁକୁ ଉଦ୍ଧାର କରିବା ସହ ସନ୍ଧ୍ୟାଙ୍କୁ ଗିରଫ କରିଛି । ପ୍ରକାଶଯୋଗ୍ୟ ଯେ ବାଲିଆପାଳ ଥାନା କୋହ୍ଲାଚଡ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ପତ୍ନୀ ଅନିଶା ଗତ ୮ ତାରିଖରେ ଏକ ଶିଶୁ ପୁତ୍ରକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ଦେଇଥିବା ବେଳେ ଏହାର ମାତ୍ର ୮ ଘଣ୍ଟା ପରେ ଅର୍ଥାତ୍ ୯ ତାରିଖ ସକାଳେ ଶିଶୁକୁ କିଏ ଚୋରି କରି ନେଇଥିଲା । ଘଟଣାରେ ଜଣେ ଅପରିଚିତ ମହିଳାଙ୍କ ସମ୍ପୃକ୍ତି ଥିବାର ପୁଲିସ ଜାଣିବା ସହ ହସ୍ପିଟାଲ ବସଷ୍ଟାଣ୍ଡ, ରେଳ ଷ୍ଟେସନର ଫୁଟେଜ ଯାଞ୍ଚ କରିଥିଲା । ବାଲେଶ୍ୱର ଏସପି ସାଗରିକା ନାଥ ନିଜେ ଏହି ସମ୍ବେଦନଶୀଳ ଘଟଣାକୁ ମନିଟରିଂ କରୁଥିଲେ ।

# ଉତ୍କଳ କଳା ନିକେତନ ପକ୍ଷରୁ ୭ମ ଷ୍ଟାର କଲଚରାଲ ଫେଷ୍ଟିଭାଲ : 'ଅପସଂସ୍କୃତି ରୋକିବା ଲାଗି ଉଦ୍ୟମ ଜରୁରୀ'

**କଟକ(ଏନ୍.ଏମ୍.):** ଅପସଂସ୍କୃତି କବଳରେ ଆଜିର ସମାଜ ଅଣନିଶ୍ୱାସୀ ହୋଇ ପଡୁଥିବାରୁ ନୈତିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି, ଏହି ଧାରାକୁ ରୋକିବା ପାଇଁ ଏବେ ଠାରୁ ଉଦ୍ୟମ କରାନଗଲେ ଭବିଷ୍ୟତରେ ସମାଜର ପ୍ରାଣତନ୍ତ୍ରୀ ଧ୍ୱଂସ ପାଇଯିବ ବୋଲି ମତପ୍ରକାଶ ପାଇଛି । ନିଖିଳ ଉତ୍କଳ କଳା ନିକେତନ ଆନୁକୁଲ୍ୟରେ ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟରେ ଅନୁଷ୍ଠିତ ୭ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ସମ୍ମାନିତ ଅତିଥିଭାବେ କଟକ ମହାନଗର ନାଗରିକ ମହାସଭା ସଭାପତି ଡାକ୍ତର ରବିରଞ୍ଜନ ସାହୁ, ସମ୍ମାନିତ ବକ୍ତାଭାବେ ଚଳଚିତ୍ର ନିର୍ଦ୍ଦେଶକ ମହମ୍ମଦ ନିଜାମ ଓ ଛବି ଦାସ ଯୋଗ ଦେଇଥିଲେ । ନାଟକ,



ସଙ୍ଗିତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମହୋତ୍ସବ କମିଟି ସମ୍ପାଦକ ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ ମହୋତ୍ସବ କମିଟି ନିର୍ଦ୍ଦେଶିକା ଭାଗ୍ୟବତୀ ସାହୁ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ମଧୁସ୍ମିତା ସାହୁ, ଉପସଭାପତି ବିଜୟଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ମାଣିଆବନ୍ଧ ଥାନା ଓ ଆଇଆଇସିଙ୍କ ଘର ଉପରେ ଆକ୍ରମଣ

## ଗାଡ଼ି ଭଙ୍ଗାରୁଜା, କର୍ମଚାରୀଙ୍କୁ ମାଡ଼ ; ୬ ଦୁର୍ବୃତ୍ତ ଗିରଫ

**ବଡ଼ମ୍ବା(ଏନ୍ଏମ୍.):** କଟକ ଜିଲ୍ଲା ମାଣିଆବନ୍ଧ ଥାନା ଓ ଆଇଆଇସିଙ୍କ ଘର ଉପରେ ଗତକାଲି ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି । ଦୁର୍ବୃତ୍ତମାନେ ଥାନା ଗାଡ଼ି ଭଙ୍ଗାରୁଜା କରିବା ସହିତ କର୍ମଚାରୀମାନଙ୍କୁ ଆକ୍ରମଣ କରିବା ପରେ ଆଇଆଇସିଙ୍କ ଘର ନିକଟରେ ପହଞ୍ଚି ପଥର ମାଡ଼ କରିଛନ୍ତି । ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି ବୋଲି ଆଜି ବଡ଼ମ୍ବା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍ପି କୃଷ୍ଣପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ପୁଲିସର ସୂଚନା ମୁତାବକ, ଗତକାଲି ପାଟ୍ରୋଲିଂ ପରେ ଡିସିଓ ପବିତ୍ର କୁମାର ବେହେରା ରାତିରେ ଥାନାକୁ ଫେରିଥିଲେ । ରାତି ପ୍ରାୟ ୧୧ଟା୪୫ରେ ଦୁର୍ଦ୍ଦାନ୍ତ ଅପରାଧୀ ଶ୍ରୀକାନ୍ତ ଜେନା ଓରଫ କାଳିଆ (୩୬), ସହଯୋଗୀ ଅରବିନ୍ଦ ଜେନା




ଓରଫ ନାଲୁ, ନିରଞ୍ଜନ ବେହେରା ଓରଫ ରିଙ୍କୁ, ଭଗବାନ ବେହେରା ଓରଫ ମହନି, ଆଲୋକ ପ୍ରଧାନ ଓରଫ ଚେମା, ପ୍ରକାଶ ରାଉତ ଓରଫ ବୁମ୍ପା ପ୍ରମୁଖ ୭ଜଣ ଦୁର୍ବୃତ୍ତ ଢାବାରେ ମଦ ପିଇବା ପରେ ଥାନା ନିକଟକୁ ଆସିଥିଲେ । ସେମାନେ ପାଚେରି ଡେଇଁ ଥାନାରେ ପଶିବା ପରେ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହିତ ଡିସିଓ ଶ୍ରୀ ବେହେରାଙ୍କୁ ମାଡ଼ ମାରିଥିଲେ । ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ । ଏହି ସମୟରେ ଥାନା ଆଗରେ ଥିବା ବୋଲେରୋକୁ ଦୁର୍ବୃତ୍ତମାନେ ପଥର ମାରି ଭଙ୍ଗାରୁଜା କରିଥିଲେ । ଏହାପରେ ଦୁର୍ବୃତ୍ତମାନେ ଥାନା ଆଇଆଇସି କାଦମ୍ବିନୀ ପରିଡ଼ାଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ିପାଟଣାସ୍ଥିତ ତାଙ୍କ ଭଡ଼ାଘର ନିକଟକୁ ଯାଇଥିଲେ । ଘର ଉପର ମହଲାରେ ରହୁଥିବା ଆଇଆଇସି ଶ୍ରୀମତୀ ପରିଡ଼ାଙ୍କ ଝରକାକୁ ପଥର ମାରି ଦୁର୍ବୃତ୍ତମାନେ କାଚ ଭାଙ୍ଗି ଦେବା ସହିତ ଗାଳିଗୁଲଜ ଓ ହତ୍ୟା ଧମକ ଦେଇଥିଲେ । ପାଟି ଶୁଣି ଘର ମାଲିକ ବିଶ୍ୱନାଥ ସାହୁ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ହତ୍ୟା କରିବାକୁ ଧମକ ଦେବା ସହ ଟେକାପଥର ମାରିଥିଲେ । ଏତିକି ବେଳେ ସେହି ବାଟ ଦେଇ ଯାଉଥିବା ରମେଶ ଦାସ ନାମକ ବ୍ୟକ୍ତି ସେମାନଙ୍କୁ ବାରଣ କରିବାରୁ ତାଙ୍କୁ ବି ସେମାନେ ଆକ୍ରମଣ କରିଥିଲେ । ଆଇଆଇସି ଶ୍ରୀମତୀ ପରିଡ଼ା ଫୋନ୍ କରି ଥାନାରୁ ଗାଡ଼ି ମଗାଇଥିଲେ । ଏହାପରେ ସେ ଭଙ୍ଗା ବୋଲେରୋ ଗାଡ଼ିରେ ଦୁର୍ବୃତ୍ତମାନଙ୍କ ପିଛା କରି ୬ଜଣଙ୍କୁ ଗିରଫ କରିଥିଲା ବେଳେ ଜଣେ ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି କାର୍, ୪ଟି ମୋବାଇଲ୍ ଫୋନ ଓ ୨୭୮୦ ଟଙ୍କା ଜବତ କରାଯାଇଛି । ଏ ନେଇ ମାଣିଆବନ୍ଧ ଥାନାରେ ତିନିଟି ମାମଲା ରୁଜୁ କରାଯାଇଛି । ଡାକ୍ତରୀ ପରୀକ୍ଷା ପରେ ଗିରଫ ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍ପି କୃଷ୍ଣପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆଠଗଡ଼ ଏସ୍ଡିପିଓ ରବୀନ୍ଦ୍ର ମଲ୍ଲିକ, ବଡ଼ମ୍ବା ଥାନାଧିକାରୀ ଶିବପ୍ରସାଦ ଭଦ୍ର ଓ ମାଣିଆବନ୍ଧ ଥାନା ଅଧିକାରୀ ଶ୍ରୀମତୀ ପରିଡ଼ା ଉପସ୍ଥିତ ଥିଲେ ।




# ୱେଷ୍ଟଇଣ୍ଡିଜର ବିଶାଳ ବିଜୟ, ୧୩୪ ରନରେ ହାରିଲା ଉଗାଣ୍ଡା




**ନୂଆଦିଲ୍ଲୀ(ଏଜେନ୍ସି) :** ଟି-୨୦ ବିଶ୍ୱକପ ମୈଦାନରେ ୱେଷ୍ଟଇଣ୍ଡିଜର ବିଶାଳ ବିଜୟ। ଉଗାଣ୍ଡାକୁ ୧୩୪ ରନ୍ ବ୍ୟବଧାନରେ ପରାସ୍ତ କରି ନୂଆ ରେକର୍ଡ କରିଛି ଇଣ୍ଡିଜ ବାହିନୀ। ଏହା ପୂର୍ବରୁ ଦଳ ପାକିସ୍ତାନକୁ ୮୪ ରନରେ ପରାସ୍ତ କରିଥିଲା। ଦକ୍ଷିଣ ଆମେରିକାର ଗୁୟାନା ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳା ଯାଇଥିବା ଗ୍ରୁପ୍-ସି ପର୍ଯ୍ୟାୟ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ ୱେଷ୍ଟଇଣ୍ଡିଜ ଓ ଉଗାଣ୍ଡା। ପ୍ରଥମେ ବ୍ୟାଟିଂ କରି ଇଣ୍ଡିଜ ବାହିନୀ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜନସନ ଚାର୍ଲେସ ସର୍ବାଧିକ ୪୪ ରନ୍ କରିଥିଲେ। ଏହାପରେ ୧୭୪ ରନର ଟାର୍ଗେଟକୁ ପିଛା କରି ମୈଦାନକୁ ଓହ୍ଲାଇଥିବା ଉଗାଣ୍ଡା ଅତି ଶୋଚନୀୟ ଭାବେ ପରାସ୍ତ ହୋଇଛି। ଦଳ ମାତ୍ର ୩୯ ରନରେ ଅଲ୍ ଆଉଟ୍ ହୋଇଯିବା ପରେ ୱେଷ୍ଟଇଣ୍ଡିଜକୁ ବିରାଟ ବିଜୟ ହାସଲ ହୋଇଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଆକେଲ ହୋସେନ ସର୍ବାଧିକ ୫ ୱିକେଟ୍ ନେବା ସହ ୪ ଓଭର୍ ପକାଇ ମାତ୍ର ୧୧ ରନ୍ ଦେଇଥିଲେ। ଘାତକ ବୋଲିଂ ପାଇଁ ସେ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଆଲଜାରି ଜୋସେଫ ୩ ଓଭର ପକାଇ ୬ ରନ୍ ଦେବା ସହ ୨ଟି ୱିକେଟ୍ ନେଇଥିବା ବେଳେ ରୋମାରିଓ ଶେଫର୍ଡ, ଆଣ୍ଡ୍ରେ ରସେଲ ଓ ଗୁଡ଼ାକେଶ ମୋତି ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଇତିହାସ ରଚିଲେ ଭାରତର ପୂଜା ତୋମାର




**ନୂଆଦିଲ୍ଲୀ (ଏଜେନ୍ସି):** ଇତିହାସ ରିଚିଛନ୍ତି ଭାରତର ସୁନା ଝିଅ ପୂଜା ତୋମାର। ସେ ପ୍ରଥମ ଭାରତୀୟ ଭାବେ ଅଲିମେଟ ଫାଇଟିଂ ଚାମ୍ପିୟନଶିପ(ୟୁଏଫସି)ରେ ଗୋଟିଏ ଲଢ଼େଇ ଜିତିଛନ୍ତି। ସେ ବ୍ରାଜିଲର ରାୟାନେ ଡସ ସାଣ୍ଟୋସଙ୍କୁ ପରାସ୍ତ କରିଛନ୍ତି। ୟୁଏଫସି ଲୋଉସିଭିଲ୍ଲେରେ ଏହି ମ୍ୟାଚ୍ ଅନୁଷ୍ଠିତ ହେଉଥିଲା। ପୂଜାଙ୍କ ପୂର୍ବରୁ କୌଣସି ଭାରତୀୟ କେବେ ହେଲେ ୟୁଏଫସିରେ ବିଜୟ ହାସଲ କରି ନଥିଲେ। ଉତ୍ତର ପ୍ରଦେଶର ମୁଜାଫରନଗରର ମୂଳବାସିନ୍ଦା ପୂଜା ଗତବର୍ଷ ଠାରୁ ଚମକିବା ଆରମ୍ଭ କରିଥିଲେ। ସେ ପ୍ରଥମ ଭାରତୀୟ ମହିଳା ଭାବେ ୟୁଏଫସି କଣ୍ଟ୍ରାକ୍ଟ ହାସଲ କରିଥିଲେ। ମହିଳା ଷ୍ଟ୍ରୱେଟ ଡିଭିଜିନରେ ପ୍ରଥମଥର ପାଇଁ ପୂଜା ଲଢ଼େଇ କରୁଥିବା ବେଳେ ବିଜୟୀ ହୋଇଛନ୍ତି। ସେ ୩୦-୨୭, ୨୭-୩୦ ଓ ୨୯-୨୮ରେ ବ୍ରାଜିଲର ଫାଇଟରଙ୍କୁ ହରାଇ ଇତିହାସ ରଚିଛନ୍ତି। ମ୍ୟାଚଟି ଅତ୍ୟନ୍ତ ରୋମାଞ୍ଚକର ରହିଥିଲା। ଉଭୟ ଫାଇଟର ଦମଦାର ପ୍ରଦର୍ଶନ କରିଥିଲେ। ପୂଜା ପ୍ରଥମ ରାଉଣ୍ଡରେ ଶକ୍ତିଶାଳୀ ବଡି କିକ ମାରି ସାଣ୍ଟୋସଙ୍କୁ ଘାଇଲା କରିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡରେ ସାଣ୍ଟୋସ ବାଜି ମାରି ନେଇଥିଲେ। ପୂଜା ଏହି ରାଉଣ୍ଡରେ ବ୍ୟାକଫୁଟକୁ ଚାଲି ଯାଇଥିଲା। କିନ୍ତୁ ତୃତୀୟ ରାଉଣ୍ଡରେ ପୂଜା କମବ୍ୟାକ କରି ବାଜିମାରି ନେଇଥିଲେ। ବିଜୟ ପରେ ପୂଜା କହିଛନ୍ତି, "ସମସ୍ତେ ଏହି ବିଜୟ ପୂର୍ବରୁ ଭାବୁଥିଲେ ଯେ ଭାରତୀୟ ଫାଇଟରମାନଙ୍କ ପାଖରେ ୟୁଏଫସି ଭଳି ମଞ୍ଚରେ ଲଢ଼େଇ କରିବାର କୌଣସି ଅଧିକାର ନାହିଁ। କିନ୍ତୁ ଏବେ ଭାରତୀୟ ଫାଇଟର କ'ଣ, ତାହା ପ୍ରମାଣ କରି ଦେଖାଇଛନ୍ତି।" ପୂଜାଙ୍କ ପୂର୍ବରୁ ଭାରତ କାଣ୍ଡାରେ ଓ ଅଂଶୁଲ ଜବଲି ମଧ୍ୟ ୟୁଏଫସିରେ ଲଢ଼େଇ କରିଥିଲେ। କିନ୍ତୁ ସେମାନେ ବିଜୟ ହାସଲ କରି ପାରି ନଥିଲେ। ପୂଜା ପ୍ରଥମ ଭାରତୀୟ ଭାବେ ୟୁଏଫସିରେ ବିଜୟୀ ହୋଇଛନ୍ତି।


## ସାମ୍ବାଦିକ/ଏଜେଣ୍ଟ ଆବଶ୍ୟକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ନିଷ୍କର୍ଷରେ କାମ କରିବାକୁ ଚାହୁଁଥାନ୍ତି ତେବେ ତୁରନ୍ତ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ
ନିଷ୍କର୍ଷ ମିଡ଼ିଆ ଏଣ୍ଟରଟେଣ୍ଟମେଣ୍ଟ ଆଣ୍ଡ ପବ୍ଲିକେଶନ
NISHKARSHA MEDIA ENTERTAINMENT & PUBLICATION
ମୋବାଇଲ ନମ୍ବର :9937619039/ 8895134289
nishkarsha.editor@gmail.com



Suresh Ch. Prusty (Mantu)
Proprietor
Mob : 9238991187
SRI KRUSHNA Jewellery
22 CT. GOLD & SILVER ORNAMENTS
Kalinga Bazar (In front of Choudwar Police Station)
Choudwar, Cuttack



R.K. Das Tax Consultancy
Advocate- Ramakant Das
ADVOCATE
Contact for: G.S.T., Income Tax
Common Service Centre, Tender Dropping and all other internet works.
Santa Sahi, Kendrapara
Mob: 7008018805, 7855048602, 9178706447


# ବିଜୟରୁ ବିଶ୍ୱକପ ଅଭିଯାନ ଆରମ୍ଭ କଲା ଭାରତ

**ନୂଆଦିଲ୍ଲୀ(ଏନ୍.ଏମ୍.) :** ଦମଦାର ବିଜୟ ସହ ଆମେରିକା-ୱେଷ୍ଟଇଣ୍ଡିଜରେ ଖେଳା ଯାଉଥିବା ଟି-୨୦ ବିଶ୍ୱକପ ଅଭିଯାନ ଆରମ୍ଭ କରି ଟିମ ଇଣ୍ଡିଆ। ପ୍ରଥମ ମ୍ୟାଚ୍ରେ ଦଳ ଏକତରଫା ଭାବେ ଆୟରର୍ଲ୍ୟାଣ୍ଡକୁ ୮ ୱିକେଟରେ ପରାସ୍ତ କରିଛି। ଆୟରର୍ଲ୍ୟାଣ୍ଡ ଦେଇଥିବା ଛୋଟିଆ ୯୭ ରନର ଟାର୍ଗେଟକୁ ଦଳ ୧୨.୨ ଓଭରରେ ୨ଟି ୱିକେଟ ହରାଇ ହାସଲ କରି ନେଇଛି। ପ୍ରଥମେ ବୋଲରମାନେ କମାଲ କରି ଆୟରର୍ଲ୍ୟାଣ୍ଡକୁ କେବଳ ୯୬ ରନ ଅଲଆଉଟ କରି ଦେଇଥିଲେ। ଆୟରର୍ଲ୍ୟାଣ୍ଡ ୧୬ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୯୬ ରନ କରିବାକୁ ସକ୍ଷମ ହୋଇଥିଲା। ୯୭ ରନର ଟାର୍ଗେଟକୁ ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମାଙ୍କ ଅପରାଜିତ ୫୨ ରନ ବଳରେ ଅତି ସହଜରେ ହାସଲ କରି ନେଇଛି। ଦଳକୁ ୬୦ ବଲରେ ୨୧ ରନ ଜିତିବାକୁ ଥିବା ବେଳେ ରୋହିତ ରିଟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ।


ଏହାପରେ ଆସିଥିବା ସୂର୍ଯ୍ୟ କୁମାର ଯାଦବ କେବଳ ୨ ରନ କରି ବେଞ୍ଜାମିନ ହ୍ୱାଇଟଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଋଷଭ ପନ୍ତ ଶେଷ ଯାଏ ଅପରାଜିତ ରହିଥିଲେ। ଏଥିସହ ସେ ଛକା ମାରି ଦଳକୁ ବିଜୟ ଭେଟି ଦେଇଥିଲେ। ସେ ଆଜି ୨୬ ବଲରେ ଅପରାଜିତ ୩୬ ରନର ଇନିଂସ ଖେଳିଛନ୍ତି। ବିଜୟ ବେଳେ ତାଙ୍କ ସହ ଶିବମ ଦୁବେ କ୍ରିଜରେ ରହିଥିଲେ। ସେ ୨ଟି ବଲରେ ସାମ୍ନା କରିଥିଲେ ମଧ କୌଣସି ରନ କରି ନାହାନ୍ତି। ଦଳ ଏକମାତ୍ର ୱିକେଟ ରୂପେ ବିରାଟ କୋହଲି(୧)ଙ୍କୁ ହରାଇଛି। ସେ ରୋହିତଙ୍କ ସହ ଇନିଂସ ଆରମ୍ଭ କରିବାକୁ ଆସିଥିଲେ ହେଁ କେବଳ ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ତାଙ୍କ ୱିକେଟ ମାର୍କ ଅଡେର ନେଇଛନ୍ତି।




ରୋହିତ ତାଙ୍କ ଇନିଂସରେ ୪ଟି ଚୌକା ଓ ୩ଟି ଛକା ମାରିଛନ୍ତି। ସେହିପରି ପନ୍ତ ୨୬ ବଲରେ ୩୬ ରନ ଇନିଂସରେ ୩ଟି ଚୌକା ଓ ୨ଟି ଛକା ମାରିଛନ୍ତି। ତେବେ ୩ ଓଭରରେ ୬ ରନ ଦେଇ ୨ଟି ୱିକେଟ ନେଇଥିବା ଟିମ ଇଣ୍ଡିଆର ଯଶପ୍ରୀତ ବୁମ୍ରା ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପାଇଛନ୍ତି। ଏହାପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଆୟରର୍ଲ୍ୟାଣ୍ଡ ଟିମ ଇଣ୍ଡିଆର ଘାତକ ବୋଲିଂର ସାମ୍ନା କରିବାକୁ ସକ୍ଷମ ହୋଇ ନଥିଲା। ଗାରେଥ ଡେଲାନି(୨୬)ଙ୍କୁ ଛାଡ଼ି ଦେଲେ ଆଉ କେହି ବି ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ପାରି ନଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଦମଦାର ବୋଲିଂ କରିବା ସହ ୪ ଓଭରରେ ୨୭ ରନ ଦେଇ ସର୍ବାଧିକ ୩ଟି ୱିକେଟ ନେଇଛନ୍ତି। ସେହିପରି ବୁମ୍ରା ୩ ଓଭରରେ ୬ ରନ ଦେଇ ୨ଟି ଓ ଅର୍ଶଦୀପ ୪ ଓଭରରେ ୩୫ ରନ ଦେଇ ୨ଟି ସଫଳତା ପାଇଛନ୍ତି। ଅକ୍ଷର ପଟେଲଙ୍କ ଖାତାକୁ ଗୋଟିଏ ଓ ଡେଲାନିଙ୍କ ୱିକେଟ ଦଳକୁ ରନ ଆଉଟ ରୂପେ ମିଳିଥିଲା। ଭାରତର ଆସନ୍ତା ୯ ତାରିଖରେ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ନ୍ୟୁୟର୍କ ପଡ଼ିଆରେ ଭେଟିବ। ଭାରତ ଚଳିତ ବିଶ୍ୱକପରେ ନୂଆ ଓପନିଂ କମ୍ବିନେସନ ସହ ପଡ଼ିଆକୁ ଓହ୍ଲାଇଛି। ଯଶସ୍ୱୀ ଜୈସୱାଲ ସ୍କ୍ୱାଡରେ ଥିଲେ ମଧ ରୋହିତ ଶର୍ମା ଓ ବିରାଟ ଆୟରର୍ଲ୍ୟାଣ୍ଡ ବିପକ୍ଷରେ ଇନିଂସ ଆରମ୍ଭ କରିଥିଲେ। ସେହିପରି ପନ୍ତ ୩ନଂରେ ବ୍ୟାଟିଂ କରିବାକୁ ଆସିଥିଲେ। ସମାନ କମ୍ବିନେସନ ସହ ଦଳ ପାକିସ୍ତାନ ବିପକ୍ଷ ମ୍ୟାଚ୍ରେ ମଧ ମୈଦନାନକୁ ଓହ୍ଲାଇବ ବୋଲି କୁହାଯାଉଛି।

# ମୁଖ୍ୟ କୋଚ୍ ହେବେ କି ଗମ୍ଭୀର ?

**ନୂଆଦିଲ୍ଲୀ(ଏଜେନ୍ସି) :** ଚଳିତ ଆଇସିସି ଟିଟ୍ୱେଣ୍ଟି ବିଶ୍ୱକପ୍ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ଙ୍କ କାର୍ଯ୍ୟକାଳ ଶେଷ ହୋଇଯିବ। ତାଙ୍କ ପରେ କିଏ ହେବେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ? ତାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏହି ପଦ ପାଇଁ ବେଶ୍ କିଛି ଦିନ ହେବ ଚର୍ଚ୍ଚାରେ ଅଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ସଦସ୍ୟ ଗୌତମ ଗମ୍ଭୀର। ବିଶେଷ କରି ତାଙ୍କ ମାର୍ଗଦର୍ଶନରେ ଚଳିତ ଥର କୋଲକାତା ନାଇଟ ରାଇଡର୍ସ ଆଇପିଏଲ୍ ଚାମ୍ପିୟନ ହେବା ପରଠୁ ତାଙ୍କୁ ମୁଖ୍ୟ କୋଚ୍ ଦାୟିତ୍ୱ ଦେବାକୁ ବିସିସିଆଇ ମନ ବଳାଇଥିବା ଆଲୋଚନା ହେଉଛି। ତେବେ ଏତେ ସବୁ ଆଲୋଚନା ସତ୍ତ୍ୱେ ନୀରବ ରହିଥିବା ଗୌତମ ଗମ୍ଭୀର ଶେଷରେ ମୁହଁ ଖୋଲିଛନ୍ତି। ଆବୁ ଧାବିର ଏକ ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଗମ୍ଭୀର କହିଛନ୍ତି ଯେ ସେ ଟିମ୍ ଇଣ୍ଡିଆର କୋଚ୍ ହେବାକୁ ପସନ୍ଦ କରିବେ। ଜାତୀୟ କ୍ରିକେଟ୍ ଦଳର କୋଚ୍ ହେବାଠାରୁ ଆଉ କିଛି ବଡ଼ ସମ୍ମାନ ନାହିଁ। ଏହି କାର୍ଯ୍ୟକ୍ରମରେ କ୍ରିକେଟ୍କୁ ଭଲ ପାଉଥିବା ବହୁ ଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ଜଣେ ଶିକ୍ଷାର୍ଥୀ ଗମ୍ଭୀରଙ୍କୁ ଟିମ୍ ଇଣ୍ଡିଆର କୋଚ୍ ହୋଇ ସେମାନଙ୍କୁ ନିଜ ଅଭିଜ୍ଞତାରୁ ବିଶ୍ୱକପ୍ ଜିତିବାରେ ସହାୟତା କରିବାକୁ କହିଥିଲେ। ଏହାର ଜବାବରେ ଗମ୍ଭୀର କହିଥିଲେ, ଯଦିଓ ବହୁତ ଲୋକ ମୋତେ ଏହି ପ୍ରଶ୍ନ ପଚାରିଛନ୍ତି, କିନ୍ତୁ ମୁଁ ଏହାର ଉତ୍ତର ଦେଇ ନାହିଁ। କିନ୍ତୁ




ବର୍ତ୍ତମାନ ମୁଁ ତୁମକୁ ତୁମ ପ୍ରଶ୍ନର ଉତ୍ତର ଦେବି। ୧୪୦ କୋଟି ଭାରତୀୟ ଭାରତକୁ ବିଶ୍ୱକପ୍ ଜିତାଇବାରେ ସାହାଯ୍ୟ କରିବେ। ଯଦି ସମସ୍ତେ ଆମ ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିବେ ଓ ଆମେ ଖେଳ ଆରମ୍ଭ କରିବୁ ଏବଂ ସେମାନଙ୍କୁ ପ୍ରତିନିଧିତ୍ୱ କରିବୁ, ତା'ହେଲେ ଭାରତ ବିଶ୍ୱ କପ୍ ଜିତିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ଭୟ ହେବା। ସେ କହିଥିଲେ, ମୁଁ ଭାରତୀୟ ଦଳର କୋଚ୍ ହେବାକୁ ପସନ୍ଦ କରିବି। ନିଜ ଦେଶର ଜାତୀୟ ଟିମ୍ର କୋଚ୍ ହେବାଠାରୁ ଆଉ କିଛି ବଡ଼ ସମ୍ମାନ ନାହିଁ। ଆପଣଙ୍କୁ ୧୪୦ କୋଟି ଭାରତୀୟଙ୍କୁ ପ୍ରତିନିଧିତ୍ୱ କରିବାକୁ ମିଳିବ। ଗମ୍ଭୀର ଆହୁରି କହିଥିଲେ, ଏକ ସୁରକ୍ଷିତ ଡ୍ରେସିଂ ରୁମ୍ ହେଉଛି ଏକ ସୁଖୀ ଡ୍ରେସିଂ ରୁମ୍। ଏକ ସୁଖୀ ଡ୍ରେସିଂ ରୁମ୍ ଏକ ବିଜୟୀ ଡ୍ରେସିଂ ରୁମ୍ରେ ପରିଣତ ହୋଇପାରିବ। କେକେଆର (କୋଲକାତା ନାଇଟ ରାଇଡର୍ସ)ରେ ମୁଁ କେବଳ ଏହି ମନ୍ତ୍ରକୁ ଅନୁସରଣ କରିଥିଲି। ଭଗବାନଙ୍କ ଆଶୀର୍ବାଦରୁ ପ୍ରକୃତରେ ଏକା ଫଳପ୍ରଦ ହୋଇଥିଲା।


ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ
ନିଷ୍କର୍ଷ NISHKARSHA
ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ ଓ ସେୟାର କରନ୍ତୁ
ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...
ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...
nishkarsha.com



NISHKARSHA MEDIA ENTERTAINMENT & PUBLICATION
NTV ପାଇଁ
ଆବଶ୍ୟକ
- ଭିଜୁଆଲ ଏଡିଟର
- କପିଏଡିଟର ସହ ଆଙ୍କର
- ସମସ୍ତ ଜିଲ୍ଲା ଓ ବ୍ଲକ ପାଇଁ ରିପୋର୍ଟର
- ମାର୍କେଟିଂ ଅଧିକାରୀ

ତୁରନ୍ତ ନିଜର ବାୟୋଡାଟା ସହ ଆବେଦନ କରନ୍ତୁ
Email: nishkarsha.editor@gmail.com ( Mob: 8895134289)
Office Address: Ring Road, Khannagar, Badambadi, Cuttack (Near Khannagar Petrol Pump)



Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA). Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ